ଆଜି - ସୋମବାର
ତାରିଖ - ୨୨ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୮
ତିଥି - ଅଷ୍ଟମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଉ. ଫାଲ୍‌ଗୁନୀ, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି ।"
- ଡ. ଏପିଜେ ଅବ୍‌ଦୁଲ୍ କଲାମ୍

E-News : www.Ajikali epaper.com

Vol.- 41 ISSUE- 69 R.N.I. REGD. No. 44026/86 ବାଲେଶ୍ୱର ୨୨ ଜୁନ୍ ୨୦୨୬ ସୋମବାର BALASORE 22 JUNE 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଯୋଗ ହେଉଛି ସୁସ୍ଥ ଏବଂ ଦୀର୍ଘ ଜୀବନର ଚାବିକାଠି : ରାଷ୍ଟ୍ରପତି




ଜବଲପୁର : ଯୋଗ କେବଳ ବ୍ୟାୟାମ ନୁହେଁ, ବରଂ ଏକ କାଳଜୟୀ ଜୀବନଶୈଳୀ । ଏହା ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରିବା ଏବଂ ସୁସ୍ଥ ଶରୀର ଏବଂ ମନକୁ ସୁସ୍ଥ ରଖିବାର ଏକ ମାଧ୍ୟମ ।ମାନବତା ପାଇଁ ଭାରତର ସର୍ବୋତମ ଐତିହ୍ୟ ହେଉଛି ଯୋଗ, ଯାହାକୁ ଆମେ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ କରିବା ଉଚିତ ।'ଏହି କଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମଧ୍ୟପ୍ରଦେଶର ଜବଲପୁରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହକୁ ସମ୍ବୋଧିତ କରି କହିଛନ୍ତି ।ରବିବାର ଦିନ ସଦରର ଗ୍ୟାରିସନ ଗ୍ରାଉଣ୍ଡରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଚଳିତ ବର୍ଷର ବିଷୟବସ୍ତୁ ଥିଲା ଯୋଗା ଫର ହେଲଦୀ ଏଜିଙ୍ଗ ,ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ରଖାଯାଇଛି ।ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଯୋଗକୁ ସୁସ୍ଥ, ସନ୍ତୁଳିତ ଏବଂ ଦୀର୍ଘ ଜୀବନର ଆଧାର ଭାବରେ ବର୍ଣ୍ଣନା କରି କହିଥିଲେ ଯେ ଏହା ଭାରତର ଏକ ଅମୂଲ୍ୟ ଐତିହ୍ୟ, ଯାହା ଆଜି ସମଗ୍ର ବିଶ୍ୱକୁ ସ୍ୱାସ୍ଥ୍ୟ ଏବଂ ଶାନ୍ତିର ପଥ ଦେଖାଇଛି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ମାତା ନର୍ମଦାର ପବିତ୍ର ନଗରୀ ଜବଲପୁର ଗସ୍ତ କରି ସେ ନିଜକୁ ଧନ୍ୟ ମନେ କରୁଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଯୋଗ ହେଉଛି ଭାରତୀୟ ସଂସ୍କୃତି ଏବଂ ଜ୍ଞାନ ପରମ୍ପରାର ଏକ ଐତିହ୍ୟ, ଯାହା ସୀମା ଏବଂ ଭାଷା ଅତିକ୍ରମ କରି ସମଗ୍ର ମାନବଜାତିକୁ ଏକତ୍ର କରିଛି ।ସେ ଆହୁରି ମଧ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସ ଯୋଗୁଁ ଅନ୍ତର୍ଜାତୀୟ ଯୋଗ ଦିବସ ଏକ ବିଶ୍ୱବ୍ୟାପୀ ଜନ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ବିଶ୍ୱର ଅନେକ ଦେଶରେ ଏହାକୁ ବହୁତ ଉତ୍ସାହର ସହିତ ପାଳନ କରାଯାଉଛି ।

## ଯୋଗ ମାନସିକ ସୁସ୍ଥତାରୁ ଶାରୀରିକ ସୁସ୍ଥତା ଆଡ଼କୁ ରାସ୍ତା ଦେଖାଇଥାଏ

# କୋଲକାତାର ରେଡ୍ ରୋଡରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି କୋଲକାତାର ରେଡ୍ ରୋଡ୍‌ରେ ଆୟୋଜିତ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଜାତୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଶ୍ରୀ ମୋଦୀ ହଜାର ହଜାର ଯୋଗ ଅଭ୍ୟାସକାରୀଙ୍କ ସହ 'ସାଧାରଣ ଯୋଗ ଅଧିବେଶନ'ରେ ଭାଗ ନେଇଥିଲେ । ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମଗ୍ର ବିଶ୍ୱର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ମୋଦୀ କହିଥିଲେ ଯେ, ଜୁନ୍ ୨୧ ତାରିଖ ବିଶ୍ୱର ଅନେକ ପ୍ରାନ୍ତରେ ବର୍ଷର ସବୁଠାରୁ ଦୀର୍ଘତମ ଦିନ ଭାବେ ଜଣାଶୁଣା ଏବଂ ଏହା ଯୋଗ ମାଧ୍ୟମରେ ମାନବଜାତିର ସବୁଠାରୁ ବଡ଼ ସାମୂହିକ ଉତ୍ସବ ଭାବରେ ଉଭା ହୋଇଛି । କୋଲକାତାରେ ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଯୋଗର ପ୍ରେରଣାଦାୟୀ ଚିତ୍ର ଦେଖିବାକୁ ମିଳୁଛି । ଶ୍ରୀ ମୋଦୀ କହିଛନ୍ତି, 'ହିମାଳୟଠାରୁ ଆରମ୍ଭ କରି ଭାରତ ମହାସାଗର ପର୍ଯ୍ୟନ୍ତ ଏବଂ ବଙ୍ଗ ଓ ଉତର-ପୂର୍ବଠାରୁ ଆରମ୍ଭ କରି ପଶ୍ଚିମ ଭାଗର ସୌରାଷ୍ଟ୍ର ପର୍ଯ୍ୟନ୍ତ, ସମଗ୍ର ଦେଶ ଯୋଗର ମନ୍ତ୍ରରେ ଶକ୍ତିଶାଳୀ ହେଉଥିବା ଦେଖାଯାଉଛି । ସୁସ୍ଥତା ଏବଂ ସମ୍ଭାବନା ପ୍ରତି ଏକ ସାଧାରଣ ପ୍ରତିବଦ୍ଧତା ମାଧ୍ୟମରେ ଦେଶ ଏବଂ ସମଗ୍ର ବିଶ୍ୱ ପରସ୍ପର ସହ ଜଡ଼ିତ ଥିବା ପରି ମନେହେଉଛି, ଯାହା ଯୋଗର ଏକତ୍ରୀକରଣ ଶକ୍ତିକୁ ପ୍ରତିଫଳିତ କରୁଛି ।' ପ୍ରଧାନମନ୍ତ୍ରୀ କୋଲକାତାର ଜନସାଧାରଣଙ୍କୁ ସେମାନଙ୍କର 'ସ୍ୱଚ୍ଛତାରୁ ସ୍ୱାଗତ' ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ସ୍ୱଚ୍ଛତା ବଜାୟ ରଖିବା କ୍ଷେତ୍ରରେ ନାଗରିକମାନଙ୍କ ଦ୍ୱାରା ପ୍ରଦର୍ଶିତ ଉତ୍ସର୍ଗୀକୃତ ଭାବ, କଠିନ ପରିଶ୍ରମ ଏବଂ ନାଗରିକ ଦାୟିତ୍ୱବୋଧ ସାରା ଦେଶର ଲୋକଙ୍କ ପାଇଁ ଏକ ପ୍ରେରଣା ପାଲଟିଛି । ଶ୍ରୀ ମୋଦୀ କହିଥିଲେ, ପଶ୍ଚିମବଙ୍ଗର ସମୃଦ୍ଧ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟ ହେତୁ ଏଠାରେ ଯୋଗ ଦିବସ ପାଳନ କରିବାର ଏକ ସ୍ୱତନ୍ତ୍ର ମହତ୍ୱ ରହିଛି । ସେ ମନେ ପକାଇ ଦେଇଥିଲେ ଯେ ବେଙ୍ଗଲ ହେଉଛି ସେହି ପବିତ୍ର ଭୂମି ଯେଉଁଠାରେ ଭଗବାନ ରାମକୃଷ୍ଣ ପରମହଂସ ବାସ କରୁଥିଲେ ଏବଂ ଶିକ୍ଷା ଦେଇଥିଲେ, ଯେଉଁଠାରୁ ସ୍ୱାମୀ ବିବେକାନନ୍ଦ ଭାରତର ଆଧ୍ୟାତ୍ମିକ ଜ୍ଞାନ ଏବଂ ଯୋଗ ପରମ୍ପରାକୁ ସମଗ୍ର ବିଶ୍ୱ ସହିତ ପରିଚିତ କରାଇଥିଲେ, ଏବଂ ଯେଉଁଠାରେ ମହର୍ଷି ଅରବିନ୍ଦ ଓ ଲାହିଡ଼ୀ ମହାଶୟ ଯୋଗ ଚିନ୍ତାଧାରା ଏବଂ ଏହାର ଅଭ୍ୟାସର ଅଗ୍ରଗତିରେ ପ୍ରଭୂତ ଅବଦାନ ଦେଇଥିଲେ । ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଶିକ୍ଷାକୁ ଉଦ୍ଧାର କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆମ ଚାରିପାଖରେ ଥିବା ବିଶ୍ୱ ସହିତ ଅର୍ଥପୂର୍ଣ୍ଣ ସମ୍ପର୍କ ମାଧ୍ୟମରେ ହିଁ ପ୍ରକୃତ ମାନବୀୟ ପରିଚୟ ଗଢ଼ିଉଠେ, ଏବଂ ଏହି ନୀତି ଯୋଗର ମୂଳଦୁଆ ଅଟେ । ସେ ମହର୍ଷି ଅରବିନ୍ଦଙ୍କ ସେହି ବିଶ୍ୱାସକୁ ମଧ ଉଦ୍ଧାର କରିଥିଲେ ଯେ ସମଗ୍ର ଜୀବନ ହିଁ ଯୋଗ, ଏବଂ କହିଥିଲେ ଯେ ଯେତେବେଳେ ଯୋଗ ଜଣଙ୍କର ସ୍ୱଭାବର ଅଂଶ ପାଲଟିଯାଏ, ଏହା ମାନବୀୟ ଏକତାର ମୂଳଦୁଆକୁ ମଜବୁତ କରିଥାଏ । ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ, 'ଯୋଗ କେବଳ କୌଣସି ଶାରୀରିକ ବ୍ୟାୟାମର ଏକ ରୂପ ନୁହେଁ ଏବଂ ଏହାକୁ କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ମଧ୍ୟରେ ସୀମିତ କରାଯାଇପାରିବ ନାହିଁ । ଏହା ହେଉଛି ଚେତନା, ଜୀବନଶକ୍ତି ଏବଂ ଆନ୍ତରିକ ଆଲୋକର ଉତ୍ସ ଯାହା ମାନବ ଜୀବନର ପ୍ରତ୍ୟେକ ପର୍ଯ୍ୟାୟକୁ ସମୃଦ୍ଧ କରିଥାଏ ।' ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସର ଆଭିମୁଖ୍ୟ (ଥିମ୍) 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ବୟସ ବଢ଼ିବା ସହିତ ମଧ ସୁସ୍ଥ, ସକ୍ରିୟ ଏବଂ ଶକ୍ତିଶାଳୀ ରହିବା ପାଇଁ ଯୋଗ ଏକ ମାର୍ଗ ପ୍ରଦାନ କରିଥାଏ । ସୁସ୍ଥ ବାର୍ଦ୍ଧକ୍ୟର ଅର୍ଥ ହେଉଛି ବଢୁଥିବା ବୟସ ଯେପରି ମାନବର ସାମର୍ଥ୍ୟକୁ ହ୍ରାସ ନ କରେ, ତାହା ସୁନିଶ୍ଚିତ କରିବା । ଏ ବିଷୟକୁ ଗୁରୁତ୍ୱ ଦେଇ ସେ କହିଛନ୍ତି, ଯୋଗ ସାରା ଜୀବନ ନିରନ୍ତର ଅଭିବୃଦ୍ଧି ଏବଂ ଆତ୍ମ-ସଂସ୍କାରକୁ ପ୍ରୋତ୍ସାହିତ କରିଥାଏ ।

## ଲୋକ ଭବନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

# ଯୋଗାଭ୍ୟାସ କଲେ ରାଜ୍ୟପାଳ



ଭୁବନେଶ୍ୱର : ରବିବାର ଦିନ ଲୋକ ଭବନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନିଉ ଅଭିଷେକ ହଲଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଓ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ କ୍ଷ ଚଳିତ ବର୍ଷ ଯୋଗ ଦିବସର ଶୀର୍ଷକ "ଯୋଗ ଫର ହେଲଥ୍ ଏଜିଙ୍ଗ୍" ଉପରେ ଆଧାର କରି ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଥିଲା । ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁଙ୍କ ସମେତ ଲୋକ ଭବନର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅଂଶଗ୍ରହଣକାରୀମାନେ ଶାନ୍ତ ପରିବେଶରେ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମ କରିଥିଲେ । ଏହି କାର୍ଯ୍ୟକ୍ରମ ଯୋଗର ଆବଶ୍ୟକତାକୁ ଗୁରୁତ୍ୱ ଦେବା ସହ ନିୟମିତ ଯୋଗ ଅଭ୍ୟାସ କରି ସୁସ୍ଥ ଓ ସନ୍ତୁଳିତ ଜୀବନଯାପନ ପାଇଁ ଉତ୍ସାହିତ କରିଥିଲା । ଯୋଗକୁ ଶରୀର, ମନ ଓ ଆତ୍ମା ମଧ୍ୟରେ ସମନ୍ୱୟ ସ୍ଥାପନ କରୁଥିବା ଏକ ସମନ୍ୱିତ ଅନୁଶାସନ ବୋଲି ରାଜ୍ୟପାଳ କହିଛନ୍ତି । ଯୋଗକୁ ଦୈନନ୍ଦିନ ଜୀବନର ଅଙ୍ଗ କରିବାକୁ ଏବଂ ଏହାର ସୁସ୍ଥତା ଓ ମାନସିକ ଶାନ୍ତି ଉପରେ ପଡୁଥିବା ସକାରାତ୍ମକ ପ୍ରଭାବକୁ ଗ୍ରହଣ କରିବାକୁ ରାଜ୍ୟପାଳ ନାଗରିକମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲଥ୍ ୟୁନିଭର୍ସିଟି ଏବଂ ଅଭିନବ ବିନ୍ଦ୍ରା ସ୍ପୋର୍ଟସ୍ ମେଡିସିନ୍ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ର ଛାତ୍ରଛାତ୍ରୀମାନେ ମଧ ଅଂଶ ଗ୍ରହଣ କରିଥିଲେ । ଯୋଗ ପ୍ରଶିକ୍ଷକ ସୁଶୀଲ୍ ପଟ୍ଟନାୟକ, ନୀଳିମା ପାଳ ଏବଂ ଜ୍ୟୋତିକାନ୍ତ ସାମଲ୍ ଯୋଗାଭ୍ୟାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଯୋଗ ହିଁ ବାର୍ଦ୍ଧକ୍ୟର ମେଡିସିନ୍, ଔଷଧ ଖାଇବା ପୂର୍ବରୁ ଯୋଗ କର : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ଅନ୍ତର୍ଜାତୀୟ ଯୋଗ ଦିବସ । ସବୁଠି ଭବ୍ୟ ଆୟୋଜନ ହୋଇଛି । ଦେଶ ଯୋଗମୟ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ସାମିଲ ହୋଇ ଯୋଗାଭ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଅନ୍ତର୍ଜାତୀୟ ଯୋଗ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଦବୋଧନ ଦେଇଛନ୍ତି । ଶାରୀରିକ, ବୌଦ୍ଧିକ, ମାନସିକ ବିକାଶ ପାଇଁ ଯୋଗ ଆବଶ୍ୟକ । ପୃଥିବୀର ସବୁ ଦେଶରେ ଯୋଗ ଦିବସ ପାଳନ କରାଯାଉଛି । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଯୋଗ ଦିବସ ପାଳନ ହେଉଛି । ଦୈନନ୍ଦିନ ଜୀବନରେ ଯୋଗ ଓ ପ୍ରାଣାୟମକୁ ସାମିଲ କରନ୍ତୁ । ଦିନକୁ ୨୦ରୁ ୩୦ମିନିଟ୍ ଯୋଗଭ୍ୟାସ କର । ଚାପମୁକ୍ତ ଜୀବନ, ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଯୋଗ ନିହାତି ଆବଶ୍ୟକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦିବସ ଅଭିଭାଷଣରେ କହିଛନ୍ତି, ''ଔଷଧ ଖାଇବା ପୂର୍ବରୁ ଯୋଗ କର । ବୟସ୍କଙ୍କ ପାଇଁ ବାର୍ତ୍ତା, ଯୋଗ ହିଁ ବାର୍ଦ୍ଧକ୍ୟର ଔଷ । ଯୁବକଙ୍କୁ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ମୋବାଇଲ୍ ଛାଡ, ମ୍ୟାଟ୍ ଧର । ଡାକ୍ତର, ମେଡିକାଲ ସାଇନ୍ସ ଅଛି, କିନ୍ତୁ ତା ପାଖକୁ ଯିବା ପୂର୍ବରୁ ନିଜେ ଫିଟ୍ ରୁହ । ବୟସ ବଢିଲେ ଇଚ, ଟେନସନ୍ ସ୍ୱାସ୍ଥ୍ୟ ସମସ୍ୟା ଆସେ - ତେଣୁ ବୃଦ୍ଧ ହେବା ପୂର୍ବରୁ ନିଜକୁ ପ୍ରସ୍ତୁତ କର । ଯୋଗ ଓ ପ୍ରାଣାୟାମ ବାଧ୍ୟତାମୂଳକ । ବୟସ୍କ ଲୋକ ନିଶ୍ଚୟ ଯୋଗ ପଦ୍ଧତି ଆପଣାନ୍ତୁ ।''ଯୁବପିଢିଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, '' ସୋସିଆଲ ମିଡିଆ ଦେଖନି, ୨୦ରୁ ୩୦ ମିନିଟ୍ ଯୋଗାଭ୍ୟାସ କର । ମୋବାଇଲ୍ ଛାଡି,ମ୍ୟାଟ୍ ଧର । ଯୋଗ କଲେ ଆତ୍ମବିଶ୍ୱାସ ବଢେ, ରୋଗ କମେ । ଏହା ଅଭ୍ୟାସ କରିବା ଜରୁରୀ । ସ୍କୁଲ୍, କଲେଜରେ ଯୋଡାଯିବ ଯୋଗ ଚାପ୍ଟର । ମୁଖ୍ୟ ଲକ୍ଷ୍ୟ ଯୋଗକୁ ଜନ ଆନ୍ଦୋଳନ କରିବା, ଘରେ ଘରେ ପହଂଚାଇବା । ରାଜ୍ୟ ସରକାର ଜଟଣୀର ବିଂଝାଗିରି ଠାରେ ୨୦ ଏକର ସ୍ଥାନରେ ଯୋଗ ଅନୁଷ୍ଠାନ ନିର୍ମାଣ ହେବ ।

## ଅଳ୍ପରେ ଖବର

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଖ୍ୟାତ ଲେଖକ ସୁରେନ୍ଦ୍ର ମହାନ୍ତିଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଅର୍ପଣ କରିଛନ୍ତି ।
- ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସଂଘର ସଂସ୍ଥାପକ ଡଃ କେଶବ ବଳିରାମ ହେଡଗେୱାରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି ।
- ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଅହମ୍ମଦାବାଦରେ ଯୋଗାଭ୍ୟାସ କଲେ ଅମିତ ଶାହ



ଅହମ୍ମଦାବାଦ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଅହମ୍ମଦାବାଦର ପ୍ରହ୍ଲାଦନଗର ଗାର୍ଡେନରେ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ଭାଗନେଇ ଯୋଗାଭ୍ୟାସ କରିଛନ୍ତି ।ଏହି ଅବସରରେ ଗୁଜରାଟର ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଂଘଭି ମଧ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ଅମିତ ଶାହ, ହର୍ଷ ସାଂଘଭି ଏବଂ ବହୁ ସଂଖ୍ୟକ ନାଗରିକ ଏକ ଗୋଷ୍ଠୀ ଯୋଗାଭ୍ୟାସ କରିଛନ୍ତି ।ସମସ୍ତେ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟମ କରି ଏକ ସୁସ୍ଥ ଶରୀର ଏବଂ ଏକ ଶାନ୍ତ ମନର ବାର୍ତ୍ତା ଦେଇଥିଲା ।ଯୋଗାଭ୍ୟାସ ସମୟରେ ଲୋକଙ୍କ ମଧ୍ୟରେ ଉତ୍ସାହ ଏବଂ ଶକ୍ତିର ଏକ ବିଶେଷ ପରିବେଶ ପରିଲକ୍ଷିତ ହୋଇଥିଲା ।ଏହି ଅବସରରେ ଯୋଗକୁ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାର ଏକ ପ୍ରଭାବଶାଳୀ ଉପାୟ ଭାବରେ ବର୍ଣ୍ଣନା କରି ନିୟମିତ ଯୋଗ କରିବାକୁ ବାର୍ତ୍ତା ଦିଆଯାଇଥିଲା ।ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ,ହର୍ଷ ସାଙ୍ଘବୀଙ୍କ ବ୍ୟତୀତ ଅହମ୍ମଦାବାଦର ମହାପୌର ହିତେଶ ବରୋଟ ଡେପୁଟି ମେୟର ଅଞ୍ଜୁ ଶାହ ଏବଂ ଦେବାଙ୍ଗ ଦାନିଙ୍କ ସମେତ ବହୁ ସଂଖ୍ୟକ ଜନପ୍ରତିନିଧି, ଯୁବପିଢ଼ି, ଛାତ୍ର ଏବଂ ଯୋଗ ଉତ୍ସାହୀମାନେ ବହୁସଂଖ୍ୟାରେ ସାମିଲ ହୋଇଥିଲେ ।

# କର୍ଣ୍ଣି ଷ୍ଟାଡିୟମରେସାମୂହିକ ଯୋଗ କାର୍ଯ୍ୟକ୍ରମରେ ଯୋଗଦେଲେ ଅଶ୍ୱିନୀ ବୈଷ୍ଣବ ଓ ଅର୍ଜୁନ ରାମ ମେଘୱାଲ



ନୂଆଦିଲ୍ଲୀ : ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସଂସଦୀୟ ବ୍ୟାପାର ରାଜ୍ୟମନ୍ତ୍ରୀ ଶ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସହିତ, ବିକାନେରର କର୍ଣ୍ଣି ସିଂହ ଷ୍ଟାଡିୟମରେ ଆୟୋଜିତ ବିଶାଳ ସମାବେଶରେ ଏକ ସାମୂହିକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ ଏବଂ ସୁସ୍ଥ ଜୀବନଶୈଳୀ ଓ ଯୋଗର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ । କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ, ଯୋଗ ହେଉଛି ଭାରତର ପ୍ରାଚୀନ ଏବଂ ଅମୂଲ୍ୟ ଐତିହ୍ୟ, ଯାହାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ସମଗ୍ର ବିଶ୍ୱ ଏବେ ଗ୍ରହଣ କରୁଛି । ସେ କହିଥିଲେ ଯେ, ନିୟମିତ ଯୋଗ ଅଭ୍ୟାସ କେବଳ ଶାରୀରିକ ସ୍ୱାସ୍ଥ୍ୟର ଉନ୍ନତି କରେ ନାହିଁ; ବରଂ ମାନସିକ ଶାନ୍ତି, ସକାରାତ୍ମକ ଚିନ୍ତାଧାରା ଏବଂ ଚାପମୁକ୍ତ ଜୀବନକୁ ମଧ ପ୍ରୋତ୍ସାହିତ କରେ । ସେ ଲୋକମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀରେ ଯୋଗକୁ ସାମିଲ କରିବା ସହିତ ସୁସ୍ଥ ରହିବାକୁ ଆହ୍ୱାନ କରିଥିଲେ । କେନ୍ଦ୍ର ରାଜ୍ୟମନ୍ତ୍ରୀ ଶ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ ଯେ, ଯୋଗ ଭାରତୀୟ ସଂସ୍କୃତି ଓ ଜୀବନ ଦର୍ଶନର ଏକ ଅବିଚ୍ଛେଦ୍ୟ ଅଂଶ । ସେ କହିଥିଲେ ଯେ, ଏକ ସୁସ୍ଥ ଶରୀର ଏବଂ ସୁସ୍ଥ ମନ ମାଧ୍ୟମରେ ହିଁ ଏକ ସଶକ୍ତ ସମାଜ ଓ ଏକ ବିକଶିତ ରାଷ୍ଟ୍ର ଗଠନ କରାଯାଇପାରିବ । ଯୋଗ ଆମକୁ ଶୃଙ୍ଖଳା, ଆତ୍ମନିୟନ୍ତ୍ରଣ ଏବଂ ସନ୍ତୁଳନର ଶିକ୍ଷା ଦେଇଥାଏ । ତେଣୁ ପ୍ରତ୍ୟେକ ନାଗରିକ ଏହାକୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟର ଏକ ଅଂଶ ଭାବରେ ଗ୍ରହଣ କରିବା ଉଚିତ । ଏହି ଅବସରରେ, କର୍ଣ୍ଣି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍କୁଲ ଛାତ୍ରଛାତ୍ରୀ, ଯୁବବର୍ଗ, ମହିଳା, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଏବଂ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଯୋଗ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଏବଂ ଧ୍ୟାନ ଅଭ୍ୟାସ କରିଥିଲେ ।

# ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟର ରିପୋର୍ଟ ପ୍ରଦାନ କଲେ ସଦର ବିଧାୟକ

## ଦୁଇ ବର୍ଷ ମଧ୍ୟରେ ଉପଯୋଗ ହୋଇଛି ରେକର୍ଡ ୨ହଜାର କୋଟି ଟଙ୍କାର ଅନୁଦାନ, କେବଳ ରାସ୍ତା ନିର୍ମାଣରେ ଖର୍ଚ୍ଚ ହେଉଛି ୨ଶହ କୋଟି ;



ବାଲେଶ୍ୱର(ନି.ପ୍ର.)ବିଗତ ଦୁଇ ବର୍ଷ ମଧ୍ୟରେ ଭିତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ଯୁବ ଓ ନାରୀ ଶକ୍ତି ସଶକ୍ତିକରଣ ସହିତ ଅଗଣିତ ଜନକଲ୍ୟାଣକାରୀ ପ୍ରକଳ୍ପ ମାଧ୍ୟମରେ ଏକ ନୂଆ ବାଲେଶ୍ୱର ଗଢ଼ିବା ନେଇ ନିରନ୍ତର ଉଦ୍ୟମ ଜାରି ରହିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ମାନସ କୁମାର ଦତ ସୂଚନା ଦେଇଛନ୍ତି । ରାଜ୍ୟରେ ଲୋକଙ୍କ ସରକାରଙ୍କ ଦୁଇ ବର୍ଷ ପୂର୍ତି ଉପଲକ୍ଷେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ଦତ ରେକର୍ଡସ୍ତରରେ ୨ହଜାର କୋଟି ଟଙ୍କାର ଅନୁଦାନ ଅର୍ଥ ଉପଯୋଗ ହେବା ଏକ ବିରଳ ତଥା ଐତିହାସିକ ଘଟଣା ବୋଲି କହିଛନ୍ତି । ଏଥି ମଧ୍ୟରେ ଗ୍ରାମାଂଚଳକୁ ସହର ସହିତ ଯୋଡିବା ଲକ୍ଷ୍ୟରେ ଗମନାଗମନ ବ୍ୟବସ୍ଥାର ଉନ୍ନତି ପାଇଁ ସଂଖ୍ୟାଧିକ ପ୍ରକଳ୍ପ ମାଧ୍ୟମରେ ୨୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ମଧ ଏକ ରେକର୍ଡ ବୋଲି ସେ ପ୍ରକାଶ କରିଛନ୍ତି । ସଦର ନିର୍ବାଚନମଣ୍ଡଳୀରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ପ୍ରକଳ୍ପ ମଧ୍ୟରେ ବନ୍ୟା ପ୍ରପିଡିତ ଗୁଜୁରୀବଜାର ଅଂଚଳରେ ୧୨କୋଟି ଟଙ୍କର ରାସ୍ତା, ୪୩ କୋଟି ଟଙ୍କାର ସୋଲପଟା - ବାହାବଳପୁର ରାସ୍ତା ସହିତ ଗ୍ରାମାଂଚଳ ଓ ବାଲେଶ୍ୱର ସହରାଂଚଳରେ ୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ମିଳିସାରିଛି । ବାଲେଶ୍ୱର ସହର ସୀମାରେ ୩୦୦କୋଟି ଟଙ୍କାର ରିଂ ରୋଡ ପ୍ରକଳ୍ପ ଅନୁମୋଦିତ ହେବା ପରେ ଡିପିଆର ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି । ସମୁଦ୍ର ଜୁଆରରୁ ଉପକୂଳ ଅଂଚଳକୁ ରକ୍ଷା କରିବା ପାଇଁ ସାର୍ଥା ପଂଚାୟତରେ ୨୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଲୁଣାବନ୍ଧ ନିର୍ମାଣାଧୀନ ଥିବା ବେଳେ କଷାଫଳ, ପରିଖି, ନଗ୍ରମ, ଆଳୁମେଦା, ବାହାବଳପୁର, ଚାରିଗୋଛିଆ, ପଂଚୁପଡା, ନୂଆପୁର, ଗୋପୀନାଥପୁର, କୁରାଡିହା, ପୁରୁଣା ବାଲେଶ୍ୱରରେ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ୪ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଦୀର୍ଘ ଦିନରୁ ଅଟକି ରହିଥିବା ପ୍ରକଳ୍ପ ମଧ୍ୟରେ କଷାଫଳ ଓ ଆଳୁମେଦା ପଂଚାୟତକୁ ସଂଯୋଗର ସେତୁ ଡୁବୁଡୁବି ପୋଲର କାର୍ଯ୍ୟ ପୁନଃ ଆରମ୍ଭ ହୋଇଥିବା ବେଳେ ପରିଖି - ବଳରାମଗଡି, ଓଲାଡି ଓ ଅରାଡ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଅନୁରୂପ ଭାବେ ନୂଆପୁର, କଷାଫଳ ଟୁରିଷ୍ଟ, ଚାରିଗୋଛିଆ ପ୍ରଭୃତି ଅଂଚଳରେ ନୂତନ ସେତୁ ନିର୍ମାଣ ପାଇଁ ଉପକ୍ରମ ଆରମ୍ଭ କରାଯାଇଛି । ମୋଟାମୋଟି ଉପରେ ସେତୁ ନିର୍ମାଣ ପାଇଁ ଅଦ୍ୟାବଧି ୧୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ କାର୍ଯ୍ୟାନ୍ୱୟନ ହୋଇପାରିବା ଏକ ଉଲ୍ଲେଖନୀୟ ବିଷୟ । ସେହିପରି ୭୫କୋଟି ଟଙ୍କା ବ୍ୟୟରେ ବଳରାମଗଡିରେ ନିର୍ମିତ ବୃହତ ଫିସିଂ ହାର୍ବର ଓ ବାହାବଳପୁର ଠାରେ ୩୪କୋଟି ଟଙ୍କାର ମତ୍ସ୍ୟ ଅବତରଣ କେନ୍ଦ୍ର ହଜାର ହଜାର ମତ୍ସ୍ୟଜୀବି ପରିବାରର ଆର୍ଥିକ ଅବସ୍ଥାକୁ ସୁଦୃଢ ସହିତ ବାଲେଶ୍ୱରର ଅର୍ଥନୀତିକୁ ନୂତନ ଦିଗ ପ୍ରଦାନ କରିବ । ପର୍ଯ୍ୟଟନ ଅପାର ସୁଯୋଗକୁ ପ୍ରୋତ୍ସାହନ ଦିଗରେ ଚାନ୍ଦିପୁର ବେଳାଭୂମୀର ନବକଳେବର ପାଇଁ ୧୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓ କଷାଫଳ ବେଳାଭୂମୀର ଉନ୍ନତି ପାଇଁ ୨କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗର ମଞ୍ଜୁରୀ ଅପେକ୍ଷା କରାଯାଇଛି । ସୁବ୍ୟବସ୍ଥିତ ନ୍ୟାୟିକ ପ୍ରକିୟା ପରିଚାଳନା ପାଇଁ ଜୁଡିସିଆଲ ହବ୍ ନିର୍ମାଣ ନିମନ୍ତେ ୩୪୦କୋଟି ଟଙ୍କାର ଅନୁଦାନ, ଐହିହାସିକ ଉପଲବ୍ ?ଧି ମଧ୍ୟରେ ଅନ୍ୟତମ । ସେହିପରି ଶିଳ୍ପ, ବାଣିଜ୍ୟ ଓ ନିବେଶ କ୍ଷେତ୍ରକୁ ପ୍ରୋତ୍ସାହନ ପାଇଁ ୫୦କୋଟି ଟଙ୍କା ଖର୍ଚ୍ଚରେ ଅତ୍ୟାଧୁନିକ ଇଡକୋ ଟାୱାର ନିର୍ମିତ ହେବ । ବାଲେଶ୍ୱର ସହରର ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପୌରପାଳିକା ମାଧ୍ୟମରେ ୮୦କୋଟି ଟଙ୍କା ଖର୍ଚ୍ଚରେ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି । ୫କୋଟି ଟଙ୍କାର ବ୍ୟୟରେ ରିଭର ସାଇଡ ପାର୍କ, ୭କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ମଣ୍ଡଳବଜାର ବହୁମୁଖୀ ମାର୍କେଟ କମ୍ପ୍ଲେକ୍ସ, ୫କୋଟି ଟଙ୍କାରେ ଗୋଶାଳା, ୩କୋଟି ଟଙ୍କାରେ ମଲ୍ ?ଟି କମ୍ପ୍ଲେକ୍ସ ଓ ୫୦ଲକ୍ଷ ଟଙ୍କା ଖର୍ଚ୍ଚରେ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ ହେବ । ବାଲେଶ୍ୱର ସହରବାସୀଙ୍କ ବିଶୁଦ୍ଧ ପାନୀୟ ଜଳ ପାଇଁ ଦୀର୍ଘଦିନ ଆଶାକୁ ପୂରଣ କରିବାକୁ ଯାଇ ୧୨୨କୋଟି ଟଙ୍କା ଅନୁଦାନରେ ନଦୀଜଳ ବିଶୋଧନ ସହ ଘରକୁ ଘର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇପାରିଛି । ସେହିପରି ଗ୍ରାମାଂଚଳରେ ନଳକୂପ ସହିତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୪୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ବ୍ୟାସକବି ଫକୀରମୋହନଙ୍କ ଜନ୍ମସ୍ଥଳୀ ଶାନ୍ତିକାନନକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ ସହ ୧୫କୋଟି ଟଙ୍କାର ଅନୁଦାନ ମିଳିସାରିଛି । ନଗ୍ରମ ଠାରେ ବ୍ଲକସ୍ତରୀୟ ବହୁମୁଖୀ କ୍ରୀଡା ଷ୍ଟାଡିଅମ ନିର୍ମାଣ ପାଇଁ ୧୨କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ବାଲେଶ୍ୱର ସହରରେ ନୂତନ ଷ୍ଟାଡିଅମ ବା ପରିମିଟ ପଡିଆର ଆଧୁନିକୀକରଣ ପାଇଁ ୧୮କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରାଯାଉଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ, ବାଲେଶ୍ୱର ସହରର ଡ୍ରେନେଜ ମାଷ୍ଟର ପ୍ଲାନର ଡିପିଆର ପ୍ରସ୍ତୁତି ଚାଲିଛି । ଡ୍ରେନେଜ୍ ବ୍ୟବସ୍ଥାରେ ଉନ୍ନତି ପାଇଁ କେବଳ ଚଳିତ ବର୍ଷ ୯କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ନୂଆସାହି - ବାଲିଆ ରାସ୍ତାରେ ଡ୍ରେନ ନିର୍ମାଣ ପାଇଁ ୨୭କୋଟି ଟଙ୍କା ମଞ୍ଜୁର ହୋଇଛି । ସଦର ନିର୍ବାଚନମଣ୍ଡଳୀର ଗ୍ରାମାଂଚଳରେ ସୁଦୃଢ ଡ୍ରେନେଜ ବ୍ୟବସ୍ଥା ପାଇଁ ୨୫କୋଟି ଟଙ୍କାର କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ବିଧାୟକ ଶ୍ରୀ ଦତ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଛନ୍ତି । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଦୁଇ ବର୍ଷ ଧରି ଚାଲିଥିବା ବିକାଶମୂଳକ କାର୍ଯ୍ଯ ପାଇଁ ବିଧାୟକ ଶ୍ରୀ ଦତଙ୍କ ନିରନ୍ତର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ବାଲେଶ୍ୱର ସଦର ନିର୍ବଚନମଣ୍ଡଳୀ ପାଇଁ ବିଗତ ଦୁଇ ବର୍ଷ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜନତାଙ୍କ ବିଶ୍ୱାସ, ଉନ୍ନତିର ଦୃଢ଼ ସଂକଳ୍ପ ଏବଂ ଆଗାମୀ ଦିନର ନୂତନ ଆଶା ସହ ବାଲେଶ୍ୱର ଆଗକୁ ବଢିବ ବୋଲି ଶ୍ରୀ ଷଡ଼ଙ୍ଗୀ ଆଶା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା ଓ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ଅବସରରେ ବିକାଶମୂଳକ କାର୍ଯ୍ୟର ତାଲିକା ସମ୍ବଳିତ ପତ୍ରିକା ଉନ୍ମୋଚିତ ହୋଇଥିଲା । ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ସୀତାକାନ୍ତ ସ୍ୱାଇଁ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, କାର୍ତିକ ରାଉତ, କାର୍ତିକ ପ୍ରଧାନ ପ୍ରମୁଖଙ୍କ ବହୁ କାର୍ଯ୍ୟକର୍ତା ଏଥିରେ ଉପସ୍ଥିତ ଥିଲେ ।

# ବାଲେଶ୍ୱର ଆରପିଏଫ୍ ଷ୍ଟେସନ ପରିସରରୁ ଦୁଇ ନାବାଳକଙ୍କୁ ଉଦ୍ଧାର କରି ସମ୍ଭାବ୍ୟ ଶିଶୁ ଶ୍ରମିକ ଚାଲାଣ ରୋକିଲା



ବାଲେଶ୍ୱର, (ନି.ପ୍ର): ବାଲେଶ୍ୱର ରେଳ ସୁରକ୍ଷା ବଳ (ଆରପିଏଫ୍) ତତ୍ପରତାର ସହ ଦୁଇ ଜଣ ନାବାଳକଙ୍କୁ ବାଲେଶ୍ୱର ରେଳ ଷ୍ଟେସନ ପରିସରରୁ ଉଦ୍ଧାର କରି ସମ୍ଭାବ୍ୟ ଶିଶୁ ଶ୍ରମିକ ଚାଲାଣକୁ ରୋକିବାରେ ସଫଳ ହୋଇଛି ।ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ ସମୟରେ ଷ୍ଟେସନ ପରିସରରେ ଅବାଞ୍ଛିତ ଶିଶୁ ଶ୍ରମିକ ଚାଲାଣ ବିରୋଧରେ ଚାଲିଥିବା ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ଆରପିଏଫ୍ ପୋଷ୍ଟ ବାଲେଶ୍ୱରର ଏଏସଆଇ ଅଭୟ କୁମାର ମହାଲିକଙ୍କ ନେତୃତ୍ୱରେ କାର୍ଯ୍ୟରତ କର୍ମଚାରୀମାନେ ଦୁଇ ନାବାଳକଙ୍କୁ ଷ୍ଟେସନ ପରିସରରେ ସନ୍ଦେହଜନକ ଭାବେ ବୁଲୁଥିବା ଦେଖିଥିଲେ । ପଚରାଉଚରା ବେଳେ ସେମାନେ ଏକାକୀ ଭାବେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଇ ଶ୍ରମିକ ଭାବେ କାମ କରିବାକୁ ଯୋଜନା କରିଥିବା କଥା ପ୍ରକାଶ କରିଥିଲେ ।ନାବାଳକମାନଙ୍କ ପରିସ୍ଥିତିକୁ ବିଚାର କରି ସେମାନେ ଶୋଷଣ କିମ୍ବା ଶିଶୁ ଶ୍ରମିକ ଚାଲାଣର ଶିକାର ହେବାର ଆଶଙ୍କା ଥିବା ଜଣାପଡ଼ିଥିଲା । ତେଣୁ ଆରପିଏଫ୍ ଦଳ ତୁରନ୍ତ ହସ୍ତକ୍ଷେପ କରି ଉଭୟଙ୍କୁ ସୁରକ୍ଷିତ ଭାବେ ଆରପିଏଫ୍ ପୋଷ୍ଟକୁ ନେଇଥିଲେ । ସେଠାରେ ସେମାନଙ୍କୁ ପରାମର୍ଶ ଦିଆଯିବା ସହ ଖାଦ୍ୟ ଓ ଜଳପାନର ବ୍ୟବସ୍ଥା କରାଯାଇଥିଲା । ଘଟଣା ସମ୍ପର୍କରେ ଷ୍ଟେସନ ମ୍ୟାନେଜରଙ୍କୁ ଅବଗତ କରାଯାଇ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।ସମସ୍ତ ଔପଚାରିକତା ଓ ଦସ୍ତାବିଜ ଯାଂଚ ପରେ ଉଦ୍ଧାର ହୋଇଥିବା ଦୁଇ ନାବାଳକଙ୍କୁ ରେଳୱେ ଚାଇଲ୍ଡ ହେଲ୍ପ ଡେସ୍କ (୧୦୯୮) ମାଧ୍ୟମରେ ବାଲେଶ୍ୱର ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି)ଙ୍କ ନିକଟରେ ଅଧିକ ଯତ୍ନ, ସୁରକ୍ଷା ଓ ପୁନର୍ବାସ ପାଇଁ ହସ୍ତାନ୍ତର କରାଯାଇଥିଲା । ଆରପିଏଫ୍ ?ର ଏହି ସମୟୋପଯୋଗୀ ପଦକ୍ଷେପ ଶିଶୁ ସୁରକ୍ଷା, ଶିଶୁ ଶ୍ରମିକ ଚାଲାଣ ରୋକିବା ଏବଂ ରେଳ ପରିସରରେ ଥିବା ଅସହାୟ ଓ ସମ୍ବେଦନଶୀଳ ବ୍ୟକ୍ତିଙ୍କ ସୁରକ୍ଷା ପ୍ରତି ଭାରତୀୟ ରେଳବାଇ ଏବଂ ଆରପିଏଫ୍ ?ର ଦୃଢ଼ ପ୍ରତିବଦ୍ଧତାକୁ ପୁଣିଥରେ ପ୍ରମାଣିତ କରିଛି ।

# ବାଲେଶ୍ୱରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେଲା ଆନ୍ତର୍ଜାତୀୟ ଯୋଗ ଦିବସ





ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ଯୋଗ ମହୋତ୍ସବ ସମିତିର ସହଯୋଗରେ ଆଇ.ଟି.ଆଇ. ଛକ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ - ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି । ଚଳିତ ବର୍ଷ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ, ନିୟମିତ ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ' ବାର୍ତାକୁ ନେଇ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଛି ।ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଁଆଙ୍କ ସମେତ ଯୋଗ ମହୋତ୍ସବ ସମିତିର ଅନ୍ୟାନ୍ୟ କର୍ମକର୍ତାମାନେ ଉପସ୍ଥିତ ଥିଲେ ।ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଅତ୍ୟନ୍ତ ସଫଳତାର ସହ ସଂଯୋଜନା ଓ ପରିଚାଳନା କରିଥିଲେ । ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଏହାପରେ ପ୍ରାରମ୍ଭିକ ଅଭିଭାଷଣ ସହ ମାନ୍ୟବର ଅତିଥିମାନେ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଏବଂ ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷା କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହା ପରେ ଯୋଗ ମହୋତ୍ସବ ସେବା ସମିତିର ବରିଷ୍ଠ ଯୋଗ ଗୁରୁ ମାନଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ ସହ ଏହି ମହାନ କାର୍ଯ୍ୟକ୍ରମର ସାଙ୍ଗଠନିକ ସମାପ୍ତି ଘଟିଥିଲା । ଏହି ଅବସରରେ ଷ୍ଟାଡିୟମ ପରିସରରେ ଶତାଧିକ ଯୋଗପ୍ରେମୀ, ସମାଜସେବୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଏକାଠି ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ । ଏହି ପରିପ୍ରେକ୍ଷିରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ, ପଂଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ମଧ୍ୟ ଏହି ଯୋଗ ଦିବସ ପାଳନ କରାଯାଇଥିଲା ।

# ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ରରେ ଯୋଗ ଦିବସ ପାଳିତ



ବାଲେଶ୍ୱର,(ନି.ପ୍ର.) ୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ବ୍ରାହ୍ମମୁହୂର୍ତରେ ଧ୍ୟାନ ଯୋଗଳ, ଯୋଗଯାତ୍ରା, ସୂର୍ଯ୍ୟ ନମସ୍କାର ମାଧ୍ୟମରେ ବ୍ରିଟ୍ କଲ୍ୟାଟ ମଣ୍ଡପଠାରେ ପାଳିତ ହୋଇଯାଇଛି । ହୋଲିଷ୍ଟିକ୍ ହିଲିଙ୍ଗ ଯୋଗ ଶିକ୍ଷାକେନ୍ଦ୍ର ବାଲେଶ୍ୱର ତରଫରୁ ଏହି ସମାରୋହକୁ ଆୟୋଜନ କରାଯାଇଥିଲା । ଯୋଗ କେନ୍ଦ୍ରର ସ୍ଥାୟୀ ସଭାପତି ପ୍ରଫେସର ଜୟସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଚିନ୍ମୟ ମିଶନର ସନ୍ୟାସୀ ବ୍ରହ୍ମଚାରୀ ଅଗସ୍ତି ଚୈତନ୍ୟ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍ ?ଘାଟନ କରିଥିଲେ । ଏକ ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି ସମ୍ମାନୀତ ଅତିଥି କବି ପ୍ରଶାନ୍ତ ଦାସ ତାଙ୍କର ଅଭିଭାଷଣ ଯୋଗ ଜୀବନରେ ଓମ୍ ଇଚ୍ଚାରଣର ଭୂମିକା ଉପରେ ବିଶେଷ ଆଲୋଚନା କରିଥିଲେ । ବାଲେଶ୍ୱର ଜେଲ୍ ?ର ସୁପରିନ୍ ?ଟେଣ୍ଡେ[ ସୁଚିତ୍ରା ଦାସ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଯୋଗ ହି ମାନବ ଧର୍ମକୁ ବିଶେଷ କରିବାର ଏକମାତ୍ର ମାଧ୍ୟମ ବୋଲି କହିଥିଲେ । ବରିଷ୍ଠ ସାଧମକ ନାରାୟଣ ପାତ୍ର, ସାଧୁକା ମନ୍ଦାକିରୀ ଦାସ, ସାଧୂକା ଇନ୍ଦୁବତୀ ମହାରଣାଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ପ୍ରଫେସର ନାୟକ ତାଙ୍କ ଭାଷଣରେ ସମାଜରେ ସନାତନ ପରାମ୍ପରା ବିଷୟକୁ ଯୋଗ ମାଧ୍ୟମରେ ରୁକାଯାଇ ପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଅଖଣ୍ଡଧାନ ଓ ୧୦୮ ସୂର୍ଯ୍ୟ ନମସ୍କାରକୁ କେନ୍ଦ୍ରର ସାଧକ ସାଧୁକାମାନଙ୍କ ସହିତ ସହରର ବିଭିନ୍ନ ଅନୁଷ୍ଠାନର ଯୁବକ ଯୁବତୀମାନେ ଅଭ୍ୟାସ କରିଥିଲେ । ଏହା ପରେ ସମଗ୍ର ବିଶ୍ୱପାଇଁ ଉଦ୍ଦିଷ୍ଟ ସାଧାରଣ ପ୍ରୋଟୋକଲ ଯୋଗର ଅଭ୍ୟାସ କରାଯାଇଥିଲା । ସମସ୍ତ କାର୍ଯ୍ୟକୁ କେନ୍ଦ୍ରର ପ୍ରତିଷ୍ଠାତା ଯୋଗଗୁରୁ ସୁଜିତ କୁମାର ଜେନା ପରିଶ୍ଚଳିତ କରିଥିଲେ । ଉପସଭାପତି ରଞ୍ଜନ କୁମାର ସାହୁ, ରୀତା ରାଉତ, ସାଧାରଣ ସମ୍ପାଦକ ସୁଶ୍ରୀ ସଙ୍ଗିତା ଦାସ, ଯୁଗ୍ମ ସମ୍ପାଦକ ଧ୍ରୁବ୍ ? ଚରଣ ବେହେରା, ସହ ସମ୍ପାଦକ ସଞ୍ଜୟ କୁମାର ସେନାପତି, ସଂଗଠନ ସମ୍ପାଦକ ତ ?ଥା ଆଇନଜୀବୀ ବସନ୍ତ ପ୍ରଧାନ, ସଂସ୍କୃତିକ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, କୋଷାଧକ୍ଷ ସୂର୍ଯ୍ୟ କୁମାର ପୋଥାଳ, ସଭ୍ୟ ଜ୍ୟୋସ୍ନାଲତା ଜେନା, ଲିପି ପଣ୍ଡା, ସୁଜାତା ପଣ୍ଡା, ରଣଜିତ ମହାରଣା, ଲଳିତା ରଣା, ଲୁନା ପତି, ସୀତାରାମ ସ, ମନିଟର ଗାୟତ୍ରୀ ପାଢ଼ୀ, ମାନସୀ ମହାରଣା, ରଘୁନାଥ ପଣ୍ଡା ପ୍ରଭୃତି ପରିସ୍ଥଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ମନ୍ଦିର ମଣ୍ଡଳ ବଜାର, ମହିଳା ଯୋଗକେନ୍ଦ୍ର ବଟେଶ୍ୱର, ମହିଳା ଯୋଗ କେନ୍ଦ୍ର ସହଦେ ଖୁ[।, ପ୍ରଭୃତିର ସାଧକ ସାଧୁକାମାନେ ଯୋଗ ଦେଇଥିଲେ । ବ୍ରିଟ୍ କଲ୍ୟାଣ ମଣ୍ଡପର ଉତରାଧିକାରୀ ସଂଘମିତ୍ରା ମହାନ୍ତି, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ବିକାଶ ପାଢ଼ୀ, ବିକାଶ କର ପ୍ରଭୃତି ସେମାନଙ୍କର ସହଯୋଗ ଦେଇଥିଲେ । ସେହିଭଳି ପୋଲିସ ଲାଇନଠାରେ ପୋଲିସ ମାନଙ୍କ ପାଇଁ ଯୋଗ ଶିବିରକୁ ଗୀତାଞ୍ଜଳୀ ପଣ୍ଡା, ଦମୟନ୍ତୀ ମହାପାତ୍ର, ରୀତା ରାଉତ ପରିସ୍ଥଳନା କରିଥିବାବେଳେ, ମାଗୁଣି ଚରଣ ବାଳାଶ୍ରମ ମଥାନିଠାରେ, ସଞ୍ଜୟ ସେନାପତି ଓ ମିତାଲି ମଧୁସ୍ମିତା ସେନାପତି ଯୋଗ ଶିବିରକୁ ପରିଶ୍ଚଳନା କରିଥିଲେ । ବାଲେଶ୍ୱର ଜେଲ୍ ?ରେ ଅନ୍ତେବାସୀମାନଙ୍କ ପାଇଁ ଏକ ବିଶାଳ ଯୋଗ ଶିବିରକୁ ସୂର୍ଯ୍ୟ ପୋଥାଳ, ତୃପ୍ତି ପୋଥାଳ, ଜ୍ୟୋତ୍ସ୍ନା ଜେନା, ସ୍ନେହଲତା ଦାସପତି, ମନୋସ୍ୱିନୀ ଜେନା ପ୍ରମୁଖ ପରିସ୍ଥଳନା କରିଥିଲେ । ମୋଟ ଉପରେ ପ୍ରାୟ ତିନି ହଜାର ଲୋକଙ୍କୁ ଯୋଗ ଦିବସରେ ଯୋଗର ପ୍ରେରଣା ପ୍ରଦାନ କରାଯାଇଛି ।

# ସିପିଆଇଏମର କର୍ମୀ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) : ଆଜି ପୂର୍ବାହ୍ନ ୧୧ଟା ସମୟରେ ନୂଆବଜାରସ୍ଥ ୟୁନିଅନ କୋ[ନ ଶ୍ରମିକ ଭବନ ଠାରେ ସିପିଆଇଏମର ବାଲେଶ୍ୱର ଜିଲ୍ଲାର କର୍ମୀ ମାନଙ୍କର ଏକ କର୍ମଶାଳା ସୀତାଂଶୁ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ 'ବିକାଶର ଧାରା - ଓଡ଼ିଶା ସାରା ' ବିଜେପି ଯେଉଁ ସ୍ଲୋଗାନ ଦେଇ ଦୁଇ ବର୍ଷର ସଫଳତାର ଡିଣ୍ଡିମ ପିଟୁଛନ୍ତି ତାହା ପ୍ରକୃତରେ 'ବିନାଶର ଧାରା -ଓଡିଶା ସାରା ' ବୋଲି ସିପିଆଇଏମ ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ବର୍ଣ୍ଣନା କରିବା ସହିତ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିର ଏକ ବିସ୍ତୃତ ଆଲୋକପାତ କରିଥିଲେ କ୍ଷ ଆସନ୍ତା ଜୁନ ୩୦ ତାରିଖ ଜିଲ୍ଲାର ସମସ୍ତ ଥାନା ସାମ୍ନାରେ ପାର୍ଟି ତରଫରୁ ଗଣ ବିକ୍ଷୋଭ ସହିତ ଡି. ଜି. ପି. ଙ୍କ ଦପ୍ତର ସାମନାରେ ଆସନ୍ତା ଜୁନ ୨୫ତାରିଖ ବିକ୍ଷୋଭକୁ ସର୍ବନ୍ତାକାରଣ ଭାବେ ସଫଳ କରିବାକୁ ଆହ୍ୱାନ ଦେଇଥିଲେ କ୍ଷ ସେହିପରି ଭତା ଦେବାରେ ବିଳମ୍ବ କରିବା, ବିଭିନ୍ନ ଆଳ ଦେଖାଇ ସାମାଜିକ କଲ୍ୟାଣ ଯୋଜନା କାଟିବା, ପ୍ରତିଶୃତି ଅନୁଯାୟୀ ମାସିକ ୩, ୫୦୦ ଟଙ୍କା ଭତା ଦେବା,ସମସ୍ତ ପ୍ରକୃତ ଆବେଦନକାରୀଙ୍କୁ ରେସନ କାର୍ଡ ଦେବା, ୩୦୦ ୟୁନିଟ ବିଜୁଳି ଶୁଳ୍କ ଛାଡ଼ କର, ବି ଭି ଗ୍ରାମଜୀ କୁ ବାତିଲ କରିବା ଓ ମନରେଗା ଆଇନକୁ ପୁନଃ ପ୍ରଚଳନ କରିବା, କୁଲଡିହା ଅଭୟାରଣ୍ୟ ନାଁରେ ଇକୋ ସେନସିଟିଭ ଅଂଚଳରୁ ଆଦିବାସୀ ବାସିନ୍ଦାଙ୍କୁ ବିସ୍ଥାପିତ କରିବା ବନ୍ଦ କରିବା, ପେସା ଆଇନକୁ ଲାଗୁକରିବା, କର୍ପୋରେଟ କମ୍ପାନୀ ହାତକୁ ରାଜ୍ୟର ସମସ୍ତ ଜଙ୍ଗଲ ଓ ଖଣି ପାହାଡ଼ ଟେକିଦେବା ବିରୁଦ୍ଧରେ ଜିଲ୍ଲାର ସମସ୍ତ ବ୍ଲକରେ ଘରକୁ ଘର ଯାଇ ଦୁଇ ବର୍ଷର ଡବଲ ଇଂଜିନ ସରକାରର ବିଫଳତା ଓ ଜନବିରୋଧୀ ନୀତି ବିରୁଦ୍ଧରେ ଆସନ୍ତା ୨ଜୁଲାଇ ଠାରୁ ୧୨ ଜୁଲାଇ ପର୍ଯ୍ୟନ୍ତ ପ୍ରଚାର ଅଭିଯାନ ସହ ଜଳେଶ୍ୱରରେ ଜୁଲାଇ ୧୨ ତାରିଖ, ରେମୁଣାରେ ଜୁଲାଇ ୧୩ ତାରିଖ ଏବଂ ଜୁଲାଇ ୮ ତାରିଖ ନୀଳଗିରିର ତେଲିପାଳ ଠାରେ ବିଶାଳ ବିଶାଳ ଜନ ସମାବେଶ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ କ୍ଷ ସେହିପରି ଅଗଷ୍ଟ ୨୯ରେ ବାଲେଶ୍ୱର ଠାରେ ବରିଷ୍ଠ କମ୍ୟୁନିଷ୍ଟ ନେତା, ପୂର୍ବତନ ନୀଳଗିରି ବିଧାୟକ ତଥା ପ୍ରଜା ଆନ୍ଦୋଳନର ପ୍ରମୁଖ ନେତା ସବୁ ବର୍ଷ ପରି ଏଥର ମଧ ସାଥୀ ବନମାଳୀ ଦାସଙ୍କ ସ୍ମୃତିରେ ଏକ ଆଲୋଚନାଚକ୍ର ସଂଗଠିତ ହେବ କ୍ଷ ଏହି ଆଲୋଚନା ସଭାରେ ପଶ୍ଚିମବଙ୍ଗ ପାର୍ଟି ସମ୍ପାଦକ ମହମ୍ମଦ ସେଲିମ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି କ୍ଷ ଏହାସହ ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟର ରାଜନୈତିକ ପରିସ୍ଥିତିର ବାସ୍ତବ ଅବସ୍ଥା ତୋଳି ଧରିଥିଲେ କ୍ଷ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଜିଲ୍ଲାର ରାଜନୈତିକ ଓ ସାମାଜିକ ପରସ୍ଥିତି ସମ୍ପର୍କରେ କହିବା ସହ ଆଗାମୀ ପଂଚାୟତ ଓ ନଗରନିଗମ ନିର୍ବାଚନ ପାଇଁ ବ୍ୟାପକ ପ୍ରଚାର ଅଭିଯାନ ସହିତ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମର ଏକ ଖସଡା ଉପସ୍ଥାପନ କରିଥିଲେ କ୍ଷ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇ ପାର୍ଟି ମଧ୍ୟକୁ ଛାତ୍ର ଯୁବ ଓ ମହିଳା ମାନଙ୍କୁ ଆଣିବା ଦିଗରେ ଅନେକ କୌଶଳ ବର୍ଣ୍ଣନା କରିଥିଲେ କ୍ଷ ଆସନ୍ତା ଅଗଷ୍ଟ ୧୦ ତାରିଖ ଜିଲ୍ଲାସ୍ତରରେ ଗଣ ସଂଗଠନ ମାନଙ୍କ ତରଫରୁ ଭିବି ଗ୍ରାମଜୀ କୁ ବାତିଲ କରିବା ଏବଂ ମନରେଗା ଲାଗୁ କରିବା ଦାବିରେ ଜେଲ ଭରୋ ଆନ୍ଦୋଳନ ପାଇଁ ପ୍ରସ୍ତୁତି ପାଇଁ ମଧ ଶ୍ରୀ ହୁଇ ଆହ୍ୱାନ ଦେଇଥିଲେ କ୍ଷ ଏହି ଆଲୋଚନା ସଭାରେ ବରିଷ୍ଠ ବାମପନ୍ଥୀ ନେତା ନିର୍ମଳ ନାୟକ, ବିଜୟ କୁମାର ପାତ୍ର, ପ୍ରେମରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଗୋବିନ୍ଦ ବାରିକ, ହରପ୍ରିୟା ଜେନା, ଅକ୍ଷୟ ମିଶ୍ର, ଦିଲ୍ଲୀପ ଗିରି,ଦେବ ମାଝୀ, କୃଷ୍ଣ ମୂର୍ମୁ,ଛାତ୍ର ନେତା ପ୍ରମଥ ପ୍ରାମାଣିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।




# ଫ୍ରେଣ୍ଡଲି ଯୋଗ ଓ ପୋର୍ଟକ୍ଲବ୍ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



ପାରାଦୀପ(ନିପ୍ର) : ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ସ୍ଥାନୀୟ ପୋର୍ଟକ୍ଲବ୍, ନୂଆବଜାର ପରିସରରେ ଫ୍ରେଣ୍ଡଲି ଯୋଗ ଓ ପୋର୍ଟ କ୍ଲବର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ଯୋଗଗୁରୁ ବିଭୂତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଯୋଗଗୁରୁ ଯୋଗ ଶିକ୍ଷା ଦେବା ସହିତ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଉପରେ ଗୁରୁତ୍ୱାରୋପ କରିବା ସହ ଶରୀର ପାଇଁ ଯୋଗ ର ଆବଶ୍ୟକତା ରହିଛି ବୋଲି କହିଥିଲେ । ଯୋଗ ଏକ ଧାରା ନୁହେଁ ବରଂ ଜୀବନର ଏକ ବିଜ୍ଞାନ ଯାହା ଋତୁ ସହିତ ଖାପ ଖୁଆଇ ଥାଏ । ଆମର ପୂର୍ବ ପୁରୁଷ ମାନେ ଶରିର କୁ ଋତୁ ସହିତ ଖାପ ଖୁଆଇବା ଶିଖାଇଥିଲେ । ଏହି କାରଣରୁ ଆୟୁର୍ବେଦ ଏବଂ ଯୋଗ ଉଭୟରେ ଋତୁ କାଳୀନ କାର୍ଯ୍ୟ ପଦ୍ଧତିକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି । ଶୀତର କଠୋରତା, ଗ୍ରୀଷ୍ମର ଗରମ ଏବଂ ବର୍ଷାର ଆଳସ୍ୟ ପ୍ରତ୍ୟେକ ଋତୁର ଶରିର ଉପରେ ଭିନ୍ନ ପ୍ରଭାବ ପଡ଼ିଥାଏ । ସେହି ଅନୁସାରେ ଯୋଗ ଆସନ ଗ୍ରହଣ କରିବା ସନ୍ତୁଳିତ ସ୍ୱାସ୍ଥ୍ୟର ଚାବିକାଠି । ଆଜି ସବୁଠାରୁ ବଡ ଭୁଲ ହେଉଛି, ଲୋକମାନେ ବର୍ଷସାରା ସମାନ ଯୋଗ ଅଭ୍ୟାସ କରନ୍ତି । ପରିଣାମ ସ୍ୱରୂପ କେତେବେଳେ ଥକ୍କା ପଣ, ଯନ୍ତ୍ରଣା, ଚିଡିଚିଡା ପଣ । ସତ୍ୟ ହେଉଛି ପ୍ରତ୍ୟେକ ଋତୁ ପାଇଁ ଭିନ୍ନ ଭିନ୍ନ ଯୋଗ ଆସନ ରହିଛି । ଶରିର ଏକ ମେସିନ ନୁହେଁ ବରଂ ପ୍ରକୃତି ସହିତ ଜଡିତ ଏକ ଜୀବନ୍ତ ବ୍ୟବସ୍ଥା । ଋତୁ ପରିବର୍ତ୍ତନ ହେବା ସହିତ ଶରୀରର ଆବଶ୍ୟକତା ମଧ ପରିବର୍ତ୍ତନ ହୁଏ । ପ୍ରତ୍ୟେକ ଋତୁରେ ଏକ ପ୍ରକାର ଯୋଗାସନ କରିବା ଗ୍ରୀଷ୍ମ ଋତୁର ପୋଷାକ ପିନ୍ଧିବା ଭଳି । ପ୍ରକୃତ ଯୋଗ ହେଉଛି ଶରୀରର ମନ ଏବଂ ଋତୁର ସନ୍ତୁଳନ । ଯେଉଁ ବ୍ୟକ୍ତି ଋତୁ ଅନୁସାରେ ଯୋଗାଭ୍ୟାସ କରନ୍ତି ତାଙ୍କୁ କମ୍ ଔଷଧ ଆବଶ୍ୟକ ପଡେ । ଥଣ୍ଡାରେ ଶରୀରର ଉଷ୍ମତା ହ୍ରାସ ପାଏ, ମାଂସପେଶୀ କଠିନ ହୋଇଯାଏ ଏବଂ ଆଳସ୍ୟ ବଢ଼ିଯାଏ । ଏହି ଋତୁରେ ସୂର୍ଯ୍ୟ ନମସ୍କାର, ଭୁଜଂଗ ଆସନ, ଧନୁରାସନ, କପାଳ ଭାତୀ ଏବଂ ଭସ୍ତ୍ରିକା ଆସନ ଶରୀରକୁ ଉଷ୍ମ ରଖେ ଓ ରକ୍ତ ସଂଚାଳନ ଉନ୍ନତ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ଗ୍ରୀଷ୍ମ ଋତୁରେ କାହିଁକି ତୀବ୍ର ଯୋଗ କ୍ଷତି କାରକ ହୋଇଥାଏ ? ଗ୍ରୀଷ୍ମ ଋତୁରେ ଶରିର ପୂର୍ବରୁ ଉଷ୍ମ ରହିଥାଏ । ଅତ୍ୟଧିକ ତୀବ୍ର ଯୋଗ ଶରୀରକୁ କ୍ଳାନ୍ତ କରିପାରେ । ମୁଣ୍ଡ ବୁଲାଇବା ଏବଂ ଜଳୀୟ ଅଂଶ କମ୍ ହୋଇପାରେ । ଏହି ଋତୁରେ ଯୋଗର ଲକ୍ଷ୍ୟ ଶିତଳତା ଏବଂ ସନ୍ତୁଳନ ହେବା ଉଚିତ । ବର୍ଷା ଋତୁରେ ଯୋଗ କାହିଁକି ବିଶେଷ ଗୁରୁତ୍ୱପୂର୍ଣ୍ଣ ବର୍ଷା ଋତୁରେ ପାଚନ ଶକ୍ତି ଦୁର୍ବଳ ହୋଇଥାଏ । ଶରିର ଭାରି ଭାରି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ । ଏଣୁ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ଯୋଗ କରାଯାଇଥାଏ । ଆଜିର ଏହି କାର୍ଯ୍ୟକ୍ରମରେ ତାପସ ମହାନ୍ତି, ଆଲୋକ ମହାପାତ୍ର, ଗୌତମ ନାଏକ, ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, ତ୍ରିଲୋଚନ ସୋରେନ, କୁଳମଣି ସାହୁ, ସୁରେନ୍ଦ୍ର ମହାପାତ୍ର, ଦିପୁ ବାବୁ, ପ୍ରଭାସ ସାହୁ, ରମାକାନ୍ତ ନାୟକ, ଶ୍ୟାମସୁନ୍ଦର ଦାସ, ସତ୍ୟବ୍ରତ ଜେନା, ଲକି ବାବା ଓ ଶିବ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହି ଥିଲେ ଏବଂ ତତ୍ ସହିତ ପୋର୍ଟ କ୍ଲବ୍ ଓ ଫ୍ରେଣ୍ଡଲି ଯୋଗର ଶତାଧିକ ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି ଯୋଗ ଦିବସଟିକୁ ସଫଳ କରିଥିଲେ ।

# ଅର୍ଜୁନପୁର ପଂଚାୟତରେ ରାସ୍ତା କାମକୁ ନେଇ ଉତେଜନା

ଧାମନଗର(ନିପ୍ର) : ଧାମନଗର ବ୍ଲକରେ ଶାସକ ଦଳ ଭିତରେ ଦୀର୍ଘଦିନ ଧରି ଚାଲିଆସୁଥିବା ଗୋଷ୍ଠୀ କନ୍ଦଳ ବର୍ତମାନ ଖୋଲାଖୋଲି ଭାବେ ପଦାକୁ ଆସିଛି । ଅର୍ଜୁନପୁର ପଂଚାୟତରେ ରବିବାର ଏକ ବିକାଶମୂଳକ ରାସ୍ତା କାମକୁ କେନ୍ଦ୍ର କରି ଗୋଟିଏ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ବିବାଦ ଧାମନଗର ରାଜନୈତିକ ମହଲରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁସାରେ, ଅର୍ଜୁନପୁର ପଂଚାୟତର ତରେଇ ସାହି ହନୁମାନ ମନ୍ଦିରଠାରୁ ବୈତରଣୀ ବନ୍ଧ ଏବଂ ବାସୁଦେବ ମନ୍ଦିର ବନ୍ଧରୁ ଶୈଳ ପାଣିଟାଙ୍କି ପର୍ଯ୍ୟନ୍ତ ଦୁଇଟି ରାସ୍ତାର ମରାମତି ଓ ଉନ୍ନତିକରଣ ପାଇଁ ହେଉଥିବା ଏଫ୍ ?ଡିଆର୍ କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । କାର୍ଯ୍ୟସ୍ଥଳରେ ଲଗାଯାଇଥିବା ଫଳକର ଲେଖାକୁ ଲିଭାଇବାକୁ ନେଇ ପଂଚାୟତ ସଭାପତି ଅଧର ପରିଡ଼ା ଓ ରୁଦ୍ର କିଶୋର ନାୟକ ଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଉତେଜନା ହୋଇଥିଲା । ପରବର୍ତୀ ସମୟରେ ପରିସ୍ଥିତି ଉତପ୍ତ ହୋଇ ମାରପିଟ ରେ ପରିଣତ ହୋଇଥିଲା । ଏହି ଘଟଣା ପରେ ଧାମନଗର ବ୍ଲକରେ ଶାସକ ଦଳର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି । ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ବ୍ଲକର ବିଭିନ୍ନ ପଂଚାୟତରେ ଦଳ ଭିତରେ ଏକାଧିକ ଗୋଷ୍ଠୀ ସକ୍ରିୟ ରହିଥିବା ବେଳେ ପଦପଦବୀ ବଂଟନ, ଦଳୀୟ କାର୍ଯ୍ୟକ୍ରମର ନେତୃତ୍ୱ ଓ ବିକାଶ କାର୍ଯ୍ୟରେ ଶ୍ରେୟ ନେବାକୁ ନେଇ ଅସନ୍ତୋଷ ବଢୁଥିବା ଚର୍ଚ୍ଚା ହେଉଛି । ତେବେ ଏପର୍ଯ୍ୟନ୍ତ ଏହି ମତଭେଦ ଦଳ ଭିତରେ ସୀମିତ ରହିଥିଲେ ମଧ୍ୟ ଅର୍ଜୁନପୁର ଘଟଣା ତାହାକୁ ସର୍ବସମ୍ମୁଖକୁ ଆଣିଛି ।

# ନାଗରିକ ମହାମଂଚ ଭାରତର ରାଷ୍ଟ୍ରପତିଙ୍କୁ ୪ଟି ପ୍ରକଳ୍ପ ପାଇଁ ଦାବି ପତ୍ର ପ୍ରଦାନ

ଉଦଳା(ନିପ୍ର) : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ରେ ମହାମହିମ ରାଷ୍ଟ୍ରପତିଙ୍କୁ କପ୍ତିପଦା ଉପଖଣ୍ଡର ସାମାଜିକ, ଶିକ୍ଷାଗତ, କୃଷି ଓ ଯାତାୟାତ ଭିତିଭୂମିର ସର୍ବାଙ୍ଗୀନ ବିକାଶ ନିମନ୍ତେ ବାରିପଦା–ବାଲେଶ୍ୱର ରେଳ ସଂଯୋଗ, ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ କୃଷି ଗବେଷଣା ପ୍ରତିଷ୍ଠାନ ସ୍ଥାପନା ପାଇଁ ଇ-ମେଲ୍ ମାଧ୍ୟମରେ ନିବେଦନ କରିଛନ୍ତି ଉଦଳା ସଚେତନ ନାଗରିକ ମହାମଂଚ । କପ୍ତିପଦା ଉପଖଣ୍ଡ ଅଂଚଳର ପ୍ରାୟତ ୪ ଲକ୍ଷ ପାଖାପାଖି ଜନସଂଖ୍ୟା ବସବାସ କରୁଛନ୍ତି, ଯାହାର ପ୍ରାୟ ୫୦% ମହିଳା । ଏଠାରେ ଅନେକ ଦୁର୍ଗମ ଗ୍ରାମ, ଆଦିବାସୀ ଅଂଚଳ ଓ ଶିକ୍ଷା ଓ ଚାକିରିର ସୁଯୋଗରୁ ବହୁତ ଯୁବପିଢ଼ି ବଂଚିତ ଅଛନ୍ତି । ସ୍ୱାଧିନତା ପରଠାରୁ ଏହି ଅଂଚଳ ଉନ୍ନୟନ କ୍ଷେତ୍ରରେ ଅବହେଳିତ ହୋଇ ଆସୁଛି । ତେଣୁ ନିମ୍ନଲିଖିତ ଦାବିଗୁଡିକ ଏହି ଅଂଚଳର ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ । ଉଦଳା– କପ୍ତିପଦା ଅଂଚଳ ଦେଇ ବାରିପଦା ଓ ବାଲେଶ୍ୱର ମଧ୍ୟରେ ରେଳ ସଂଯୋଗ ସ୍ଥାପନ ଏହି ଅଂଚଳର ଭାଗ୍ୟ ପରିବର୍ତନର ମୂଳ ଆଧାର ହୋଇପାରିବ । ଏକ ନବୋଦୟ ବିଦ୍ୟାଳୟ ସ୍ଥାପନା ହେଲେ ଗ୍ରାମୀଣ ଓ ଆଦିବାସୀ ପିଲାମାନେ ଜାତୀୟ ମାନର ଶିକ୍ଷା ପାଇପାରିବେ ଏବଂ ଦେଶର ଭବିଷ୍ୟତ ଗଠନରେ ସାମିଲ ହୋଇପାରିବେ । କେନ୍ଦ୍ରୀୟ ବିଦ୍ୟାଳୟ ଅନୁମତି ମିଳିଛି, ଉକ୍ତ ଜମି ବିଦ୍ୟାଳୟ ନାମରେ ନାମିତ ନହେବା ଯାଏଁ ଅନୁମତି ଥାଇ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ରେ ସମସ୍ୟା ଉପୁଜୁଛି । ଏହି ଅଂଚଳର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି । ସମୁଦାୟ ଜଳସେଚିତ ଓ ଆବାଜଳ ସେଚିତ ଜମି ପ୍ରାୟ ୫୨୦୦୦ ହେକ୍ଟର ଅଟେ । ତା ଛଡା ତିନୋଟି ମଧ୍ୟମ ଜଳ ପ୍ରକଳ୍ପ ଯଥା କାଳ, ସୋନେଇ ସମାପ୍ତ ହୋଇଛି ଓ ଯଇଦା ନଦୀ ଆନିକଟ ବନ୍ଧ ନିର୍ମାଣ ଧିରେଧିରେ ଚାଲିଛି କ୍ଷତେଣୁ ଯଦି ଠିକ ଭାବରେ ଚାଷ ଉପରେ ପ୍ରଶିକ୍ଷିଣ ଏଠାକାର ଚାଷୀମାନଙ୍କୁ ଦିଆ ଗଲେ କୃଷକ ମାନଙ୍କପାଇଁ ଭଲ ହୁଅନ୍ତା ତତସହ ଆର୍ଥିକ ମାନଦଣ୍ଡ ବୃଦ୍ଧି ହୋଇ ପାରନ୍ତା । ତେଣୁ କୃଷିଭିତିକ ଗବେଷଣା କେନ୍ଦ୍ର ଖୋଲିଲେ ଉନ୍ନତମାନର ଚାଷ ପଦ୍ଧତି ସହିତ ଟ୍ରେନିଂ ଦିଆ ଯାଇ ପାରନ୍ତା । ଏହି ସମସ୍ୟାକୁ ହୃଦବୋଧ କରି ମହାମଂଚ ଭାରତର ରାଷ୍ଟ୍ରପତି ନିକଟରେ ଦାବି କରିଛନ୍ତି ।

# ଜୋନସ୍ତରୀୟ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ



ବାଲିଆପାଳ(ନିପ୍ର) : ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବାଲେଶ୍ୱର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ପରିଚାଳନାରେ ବାଲିଆପାଳ ବ୍ଲକର ଚାରୋଟି ଜିଲ୍ଲା ପରିଷଦ ଯୋନରେ ପର୍ଯ୍ୟାୟ କ୍ରମେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ତିନୋଟି ଯୋନରେ ସରିଥିବା ବେଳେ ରବିବାର ଶେଷ ଶିବିର ୨୨ନମ୍ବର ଜିଲ୍ଲା ପରିଷଦ ଯୋନସ୍ତରୀୟ ବିଶାଳ ରକ୍ତ ଦାନ ଶିବିର କୁଣ୍ଡୁଳି ପଂଚାୟତ ଅଧିନସ୍ଥ ନିମପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ଫିତା କାଟି ଉଦଘାଟନ କରି ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତ ଦାନ ମହତ ଦାନ, ଯୁବ ଗୋଷ୍ଠୀ ରକ୍ତ ଦାନ ପାଇଁ ଆଗେଇ ଆସିବାକୁ ଏହି ଅବସରରେ ବିଧାୟିକା ଶ୍ରୀମତୀ ଜେନା ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ନେତା ଅଜୟ କୁମାର ସାମଲ, କୁଣ୍ଡୁଳି ସରପଂଚ ଜୟନ୍ତ ଦାସ, ସମିତି ସଦସ୍ୟା ନମିତା ମଲ୍ଲିକ, ସୀମନ ଦାସ ମହାପାତ୍ର, ଦୁର୍ଜୟ ମହାନ୍ତି, ଦେବେନ୍ଦ୍ର ମଣ୍ଡଳ, କୈଳାସ ମଲ୍ଲିକ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ୨୨ନଂ ଜୋନ ଅନ୍ତର୍ଗତ ସମସ୍ତ ପଂଚାୟତର ରକ୍ତ ଦାତାମାନେ ମେଗା ରକ୍ତଦାନ ଶିବିରରେ ସ୍ୱଇଚ୍ଛାରେ ଯୋଗଦେଇ ନିଜର ଅମୂଲ୍ୟ ରକ୍ତ ଦାନ କରିଥିଲେ । ଏହି ଶିବିରରୁ ମୋଟ ୮୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଯୁବ ନେତା ସୁଶାନ୍ତ ବେହେରା, ପ୍ରମୋଦ ମଣ୍ଡଳ, ତାପସ ବିଶ୍ୱାଳ, ସୀମନ ସାମଲ, ପପୁ ରାଉଳ, ଦୀପକ ବିଶ୍ୱାଳ, ଜୟକୃଷ୍ଣ ନାୟକ, ମୁକେଶ ବେଜ, ଭୀଷ୍ମ ମଲ୍ଲିକ, ପ୍ରତି ପ୍ରକାଶ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ପାଇଁ ବୈଠକ ଅନୁଷ୍ଠିତ

ଯାଜପୁର(ନିପ୍ର) : ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ବୈଠକ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଅଧକ୍ଷତା କରି ଯଥାଶୀଘ୍ର ଜ୍ୱରରେ ପୀଡ଼ିତ ରୋଗୀଙ୍କ ମ୍ୟାଲେରିଆ ରକ୍ତ ପରୀକ୍ଷା କରି ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା କଲ୍ୟାଣ ବିଭାଗର ଅଧିକାରୀଙ୍କୁ ଆଗାମୀ ୨ ଦିନ ମଧ୍ୟରେ ସମସ୍ତ ଆବାସିକ ସ୍କୁଲରେ ମଶାରୀ ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ସପ୍ତାହରେ ହେବାକୁ ଥିବା ଫାଇଲେରିଆ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଭାସୀ ମାଧ୍ୟମରେ ସମସ୍ତ ପଂଚାୟତର ସରପଂଚମାନଙ୍କୁ ସଚେତନ କରାଯିବ । ଏହାସହ ଆଗାମୀ ତିନି ମାସ ପାଇଁ ଭେକ୍ଟର ବାହିତ ରୋଗ ସମ୍ପର୍କରେ ସରପଂଚମାନଙ୍କୁ ସଚେତନ କରାଯିବ ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ

ଯାଜପୁର(ନିପ୍ର) : ଜରୁରୀକାଳୀନ ବିଭାଗ ପକ୍ଷରୁ ବରୀ ବ୍ଲକ ଅନ୍ତର୍ଗତ ଉଦୟନାଥପୁର ବାତ୍ୟା ଆଶ୍ରୟ ସ୍ଥଳୀରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଜିଲ୍ଲାର ବିଭିନ୍ନ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମଧ ମକଡ୍ରିଲ ଅନୁଷ୍ଠିତ ହୋଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପର୍ଯ୍ୟବେକ୍ଷକ ଜୟଜଗତ ସାହୁ ଯୋଗ ଦେଇ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇ ପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ ମକଡ୍ରିଲ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ମୋଟ ୨୬ ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ରହିଛି । ପ୍ରାୟ ସମସ୍ତ ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା କହିଛନ୍ତି । ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା, ଡିପିଓ ମକଡ୍ରିଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏଥିରେ ଜିଲ୍ଲା ପଂଚାୟତ ଅଧିକାରୀ, ଅଗ୍ନିଶମ ଅଧିକାରୀ, ଓଡ୍ରାଫ୍ କର୍ମଚାରୀ, ସ୍ଥାନୀୟ ସରପଂଚ, ସ୍ୱେଚ୍ଛାସେବୀ, ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

# ମନୋରଞ୍ଜନର ଖୋରାକ ଯୋଗାଉଛି ନାଚଗୀତର ଆସର

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ଗ୍ରାମ ପଂଚାୟତ ଅଧୀନ ଚୁନନଟୀ ସ୍କୁଲ ପଡିଆରେ ଚାଲିଥିବା ରଜ ମହୋତ୍ସବ ଧୁମଧାମରେ ଆଗେଇ ଚାଲିଛି । ମଙ୍ଗଳବାର ଦ୍ୱିତୀୟ ସଂଧ୍ୟାରେ ମାନସ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ସମ୍ମାନନୀୟ ଅତିଥି, ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟାପିକା ଡ ଆଭାରାଣୀ ବଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଓଡିଶାର କୃଷିଭିତିକ ଏହି ଗଣପର୍ବ ରଜ ରାଜ୍ୟର ସଂସ୍କୃତି ଓ ଐତିହ କୁ ସମୃଦ୍ଧ କରୁଛି ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ପରେ ସ୍ଥାନୀୟ କଳାକାର ମାନଙ୍କ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରାଯାଇଥିଲା । ସମ୍ପାଦକ ପ୍ରତିପ୍ରସନ୍ନ ଦକ୍ଷିଣରାୟ, ଜୟଦେବ ରାଉତ, ଗୌତମ ରାଉତ, ଚନ୍ଦ୍ରକାନ୍ତ ଦକ୍ଷିଣରାୟ, ସୌଭାଗ୍ୟ ରାଉତ, ଦିପକ ସାହୁ, କାବିଲ ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

No. 25001/452/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BARIPADA
e_mail = rw_mayurbhanj@yahoo.co.in
e_Procurement Tender Call Notice No. Online 02/RWD/BPD/2026-27

1. Name of the work : Road works
2. Total No.of works : 82 Nos.
3. Estimated Cost : Approx Estimated Cost Rs. 5.04 lakhs to Rs.45.38 lakhs
4. Class of Contractor : D&C/ C&B / B
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of tender in the office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Baripada. | 02(Online)/RWD-BPD of 2026-27 | 24.06.26 at 11.00 A.M. | 04.07.26 up to 5.00 P.M. | 04.07.26 up to 3.00 P.M. | 04.07.26 at 5.30 P.M. |

Further details can be seen from the website www.tendersorissa.gov.in

Sd/-
Superintending Engineer
R.W. Division, Baripada

OIPR. 25001/25057/1/26-27/0001

# ଜିଲ୍ଲାସ୍ତରୀୟ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅନୁଷ୍ଠିତ



ନୟାଗଡ଼(ନିପ୍ର) : ସ୍ୱୟଂଶାସିତ ମହାବିଦ୍ୟାଳୟ, ପରିସରରେ ଜିଲ୍ଲା ପ୍ରଶାସନ, ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ, ଓଡିଶା ଏବଂ ଯୋଗ ମହୋତ୍ସବ ସମିତି, ଓଡିଶାଙ୍କ ସଂଯୁକ୍ତ ଉଦ୍ୟମରେ ଜିଲ୍ଲାସ୍ତରୀୟ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ – ୨୦୨୬ ତା୨୧ ଜୁନ ୨୦୨୬ ରିଖରେ ଡାଇମଣ୍ଡ ଜୁବିଲି ଅଡିଟୋରିୟମ, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଆୟୋଜିତ ହୋଇ ଯାଇଅଛିଏହି କାର୍ଯ୍ୟକ୍ରମର ମୁଖ୍ୟବାର୍ତା ହେଉଛି "ନିୟମିତ ଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ" । ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗର ମହତ୍ୱ ପ୍ରଚାର ଓ ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଅଟେ । ପ୍ରାରମ୍ଭରେ ଜିଲ୍ଲାପାଳ ମଧୁମିତା ରଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଶ୍ରୀ ଜ୍ୟୋତିପ୍ରଭା ସାମନ୍ତରାୟ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅରିତିକ୍ତ ଜିଲ୍ଲାପାଳ ଶ୍ରୀମତି ରୋଜିନା ଦାସ, ମୁଖ୍ୟ ଉନୟନ ଅଧିକାରୀ ଜିଲ୍ଲା ପରିଷଦ, ନୟାଗଡ ଶ୍ରୀ ଲଗ୍ନଜିତ ରାଉତ, ସୁଜାତା କୁମାରୀ ସାହୁ, ଜିଲ୍ଲା କ୍ରିଡା ଅଧିକାରୀ, ନୟାଗଡ଼ ଏବଂ ନୟାଗଡ ଯୋଗ ସମିତି ସଂଯୋଜକ ରମେଶ ମହାରଣା ଓ କମଳାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷା ସଂସ୍ଥା, ଯୁବ ସଂଗଠନ, ସାମ୍ବାଦିକ ବର୍ଗ, ଜନ ପ୍ରତିନିଧିଙ୍କ ସହିତ ସମାଜର ବିଭିନ୍ନ ବର୍ଗର ପ୍ରାୟ ୬୦୦ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ । ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମଟି ପ୍ରାତଃ ୬ ଘଟିକାରୁ ୮ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଯୋଗ ମହୋତ୍ସବ ସମିତି, ଓଡିଶାର ଯୋଗ ଶିକ୍ଷକ ମାନେ ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମଟିକୁ ପରିଚାଳନା କରିବାରେ ମୁଖ୍ୟ ସହାୟକ ହୋଇଥିଲେ । ଏହି କାର୍ଯ୍ୟକ୍ରମଟିକୁ ନୟାଗଡ଼ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀମତୀ ସୁଜାତା କୁମାରୀ ସାହୁ ସୁପରିଚାଳନା କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।











*ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।*

# ଆଜିକାଲି




*ପ୍ରଜହାତି ଯଦା କାମାନ୍ ସର୍ବାନ ପାର୍ଥ ମନୋଗତାନ୍*
*ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯେତେବେଳେ ଏହି ପୁରୁଷ ମନ ମଧ୍ୟରେ ଥିବା ସମସ୍ତ କାମନାପୂର୍ଣ୍ଣ ରୂପେ ତ୍ୟାଗ କରିଦିଅନ୍ତି ଏବଂ ଆତ୍ମା ଦ୍ୱାରା ଆତ୍ମାରେ ହିଁ ସନ୍ତୁଷ୍ଟ ହୋଇରହନ୍ତି । ସେତେବେଳେ ତାଙ୍କୁ ସ୍ଥିତପ୍ରଜ୍ଞ ବୋଲାଯାଏ ।

## ପାନୀୟ ଜଳ ସଂକଟ

ସମଗ୍ର ପ୍ରାଣୀ ଓ ଉଦ୍ଭିଦଜଗତ ବଂଚିରହିବା ପାଇଁ ଜଳ ନିତାନ୍ତ ଆବଶ୍ୟକ । ଶରୀରର ଆଭ୍ୟନ୍ତରୀଣ ରାସାୟନିକ ପ୍ରତିକ୍ରିୟା ଓ ରକ୍ତର ପ୍ରମୁଖ ଅଂଶ ଭାବେ ଜଳ କାର୍ଯ୍ୟ କରେ । ଝାଳ ରୂପେ ଜଳ ଶରୀରର ବର୍ଜ୍ୟ ପଦାର୍ଥ ନିର୍ଗତ କରିଥାଏ । ଫୁସ୍‌ଫୁସ୍‌ରୁ ଶରୀରକୁ ଅମ୍ଳଜାନ ପରିବହନ କରିବାରେ ମଧ୍ୟ ଜଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ମଣିଷ ଶରୀରର ୭୦ପ୍ରତିଶତ ଜଳରେ ଗଠିତ । ଏଣୁ ଜଳ ବିନା ବଂଚିରହିବା ଅସମ୍ଭବ । ମାତ୍ର ବର୍ତ୍ତମାନ ହୁ ହୁ ହୋଇ ବଢୁଥିବା କଳକାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ ନଦୀନାଳରେ ମିଶି ଜଳକୁ ଦୂଷିତ କରୁଛି । ଫଳରେ ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତ ପ୍ରଭାବିତ ହେଉଛନ୍ତି । ଦେଶର ଭୂତଳ ଜଳ ସମ୍ପର୍କରେ ବିଭିନ୍ନ ସମୟରେ ଚିନ୍ତାଜନକ ରିପୋର୍ଟ ସବୁ ପ୍ରକାଶ ପାଇଆସିଛି । ଗାଙ୍ଗେୟ ଉପତ୍ୟକାରେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଆଗରୁ ଉଦବେଗର ବିଷୟ ଥିଲା । ଯେହେତୁ ସେ ଅଂଚଳର ଲୋକସଂଖ୍ୟା ଅଧିକ ଓ କୃଷି ପାଇଁ ଜଳସେଚନ ତଥା ଅନ୍ୟାନ୍ୟ ଆବଶ୍ୟକତା ସକାଶେ ଭୂତଳ ଜଳ ଉପରେ ଚାପ ବଢ଼ିଚାଲିଛି ସେ କାରଣରୁ ଏହି ଜଳସ୍ତର ହ୍ରାସ ପାଉଛି । କିନ୍ତୁ ଜଳସ୍ତର ଖସି ଚାଲିଲେ ଭବିଷ୍ୟତରେ ସାଧାରଣ ଲୋକେ ଓ ଗୃହପାଳିତ ପଶୁ ଜଳାଭାବର ସମ୍ମୁଖୀନ ହେବେ । ଏହା ଚିନ୍ତାର ବିଷୟ ଥିଲା । ଏବେ ଜଣାପଡ଼ିଛି ଯେ ଗାଙ୍ଗେୟ ଉପତ୍ୟକାରେ ୭୦ ପ୍ରତିଶତ ଇଲାକାରେ ଜଳସ୍ତରରେ ଉନ୍ନତି ଘଟିଛି । ଏଣୁ ଜଳସ୍ତର ହ୍ରାସ ସମସ୍ୟା ନେଇ କିଛିଟା ଆଶ୍ୱସ୍ତି ମିଳିଛି । କିନ୍ତୁ ଭୂତଳ ଜଳରେ ଲବଣାଂଶ ବୃଦ୍ଧି ଓ ଏହା ସଂକ୍ରମିତ ହେବା ଉଦ୍‌ବେଗର ବିଷୟ । ଗାଙ୍ଗେୟ ଉପତ୍ୟକା ସମ୍ପର୍କରେ ହୋଇଥିବା ଅନୁଧ୍ୟାନରେ ଅନେକ ପ୍ରତିଷ୍ଠିତ ଭାରତୀୟ ଅନୁଷ୍ଠାନର ବୈଜ୍ଞାନିକ ମାନେ ମଧ୍ୟ ସାମିଲ ଥିଲେ । ଭୂତଳ ଜଳରେ ଲବଣାଂଶ ଓ ଆର୍ସେନିକ ଥାଏ କିନ୍ତୁ ତାହାର ମାତ୍ରା ବଢ଼ିଗଲେ ଜଳ ବ୍ୟବହାର ଯୋଗ୍ୟ ହୁଏନାହିଁ । ଏହି ସମସ୍ୟା ପ୍ରାୟତଃ ମଣିଷକୃତ । ଜଳ ନିଷ୍କାସନ ଠିକ୍ ଭାବେ ନହେଲେ, ଜଳସେଚିତ ଇଲାକାରେ ଜଳବ□ନ ବ୍ୟବସ୍ଥା, ଦୁର୍ବଳ ରହିଲେ, ସାର ବ୍ୟବହାର ବଢ଼ିଲେ ଏପରିକି ଖଣି ଖନନ ବୃଦ୍ଧି ପାଇଲେ ଏହି ସମସ୍ୟା ଉପୁଜେ । ଭୂତଳ ଜଳ ସଂକ୍ରମିତ ହେଲେ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୁଏ । ସଂକ୍ରମିତ ଜଳ ବ୍ୟବହାର କରି ଲୋକେ ଅସୁସ୍ଥ ହୁଅନ୍ତି । ଫ୍ଲୋରାଇଡ ବଢ଼ିଲେ ଫ୍ଲୋରସିସ ହୁଏ । ଆର୍ସେନିକ ମାତ୍ରା ଅଧିକ ହେଲେ ଚର୍ମ ସମସ୍ୟା ଦେଖାଦିଏ, ଲୋକେ ଶୀଘ୍ର ବୁଢ଼ା ହୋଇଯାଆନ୍ତି, କର୍କଟ ରୋଗ ସୃଷ୍ଟି ହୁଏ ଓ ତାହା ମଧ୍ୟ ମୃତ୍ୟୁର କାରଣ ହୁଏ । ଭାରତର ୮୫ ପ୍ରତିଶତ ଗ୍ରାମାଂଚଳ ଲୋକେ ଭୂତଳ ଜଳ ବ୍ୟବହାର କରନ୍ତି । ପିଇବା ପାଇଁ ଘରୋଇ ବ୍ୟବହାର ଲାଗି ତଥା କୃଷି ସକାଶେ ସେମାନେ ଏହି ଜଳ ଉପରେ ନିର୍ଭର କରନ୍ତି । ଅବଶ୍ୟ ଭୂତଳ ଜଳର ଏହି ସମସ୍ୟାକୁ ବଦଳାଇ ହେବ । ଏଥିପାଇଁ ପଦକ୍ଷେପ ନେବାକୁ ପଡ଼ିବ । ଯଦ୍ୱାରା ଜଳରେ ବିଶୁଦ୍ଧତା ବଢ଼ିବ । ଜଳକୁ ପରିଷ୍କାର କରିବା ପାଇଁ କୌଶଳ, ଭୂତଳ ଜଳସ୍ତରର ଶୁଦ୍ଧିକରଣ ପାଇଁ ପ୍ରତିକାର ଦ୍ୱାରା ସମସ୍ୟାର ମୁକାବିଲା କରାଯାଇ ପାରିବ । ଏଥିପାଇଁ ବୈଷୟିକ ପରାମର୍ଶ ଅନୁସାରେ କାମ କରିବାକୁ ହେବ । ଏବେ ସଂକ୍ରମିତ ଜଳକୁ ଶୁଦ୍ଧ କରାଯାଇ ବ୍ୟବହାର କରାଯାଇ ପାରିବ । ଏଥିପାଇଁ ରୀତିମତ ଭୂତଳ ଜଳର ପରୀକ୍ଷା ଓ ତଦାରଖ ବ୍ୟବସ୍ଥା ଲୋଡ଼ା । ଭୂତଳ ଜଳର ସମସ୍ୟା କେବଳ ଭାରତରେ ନୁହେଁ ଦକ୍ଷିଣ ଏସିଆରେ ସଂକଟଜନକ ରୂପ ନେଉଛି । ଏ ଦୃଷ୍ଟିରୁ ସମସ୍ୟାର ସମାଧାନ ପାଇଁ ସମସ୍ତଙ୍କ ମଧ୍ୟରେ ସହଯୋଗ ଲୋଡ଼ା ।

# ସମାନ ନାଗରିକ ସଂହିତା



◆ ଅଧ୍ୟାପକ ଗୋପବନ୍ଧୁ




ଇଉନିଫର୍ମ ସିଭିଲ କୋଡ୍ ବା ସମାନ ନାଗରିକ ସଂହିତାର ଆବଶ୍ୟକତା ଓ ଯୁକ୍ତିଯୁକ୍ତତା ଉପରେ ଅନେକ ବିତର୍କ ହୋଇଛି । କେତେକ ଏହାର ଆବଶ୍ୟକତାକୁ ସ୍ୱୀକାର କରୁଥିବା ବେଳେ ଅନ୍ୟ କେତେକ ଏହାକୁ ବିରୋଧ କରନ୍ତି । ଅତୀତରେ ସମଗ୍ର ଦେଶରେ ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ହୋଇଛି ଓ ବାଦବିବାଦ ମଧ୍ୟ ଦେଖା ଦେଇଛି । ଅନେକେ ଗୋଟିଏ ରାଷ୍ଟ୍ର ଓ ଗୋଟିଏ ପ୍ରକାର ନିୟମର ସପକ୍ଷରେ ଯୁକ୍ତି ବାଢନ୍ତି । ଅନ୍ୟମାନେ ଅନେକ ସାମାଜିକ ଓ ଧାର୍ମିକ ବିବିଧତା ଥିବା ଭାରତବର୍ଷରେ ଏହା ସମ୍ଭବପର ନୁହେଁ ବୋଲି ମତବ୍ୟକ୍ତ କରନ୍ତି । ଭାରତୀୟ ଜନତା ପାର୍ଟି ଓ ହିନ୍ଦୁତ୍ୱବାଦୀ ସଂଗଠନଗୁଡ଼ିକ ସର୍ବଦା ଏହାକୁ ସମର୍ଥନ କରିଆସିଛନ୍ତି । ତେଣୁ ବେଳେବେଳେ ଏହାକୁ ଆଗତ କରିବା କଥା ଉଠାଉଛନ୍ତି । ଅନ୍ୟ ପକ୍ଷରେ ଧର୍ମନିରପେକ୍ଷତା ଉପରେ ବିଶ୍ୱାସ କରୁଥିବା ଅନେକ ରାଜନୈତିକ ଦଳ ଏହାକୁ ବିରୋଧ କରି ଆସିଛନ୍ତି । ସାଧାରଣ ଜନତା ମଧ୍ୟ ଏହାକୁ ନେଇ ଦୁଇଭାଗରେ ବିଭକ୍ତ । ତେବେ ଅନେକ ବିଜ୍ଞ ଓ ପ୍ରଜ୍ଞାଶୀଳ ରାଷ୍ଟ୍ରନୀତିଜ୍ଞ ଦେଶରେ ସମାନ ନାଗରିକ ସଂହିତାର ଉପଯୋଗୀତା ଯଥେଷ୍ଟ ରହିଛି ଓ ଏଦିଗରେ ନିୟମ ପାରିତ ହେବାର ଆବଶ୍ୟକତାକୁ ଅନୁଭବ କରନ୍ତି । ଏହା ଏକ ସ୍ପର୍ଶକାତର ବିଷୟ ହୋଇଥିବା ଯୋଗୁଁ ଏହା ଉପରେ ଅତୀତରେ କୌଣସି ସରକାର ହାତ ମାରିବାକୁ ଚେଷ୍ଟା କରିନାହାଁନ୍ତି । ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ସରକାର ତାର ନିର୍ବାଚନ ଇସ୍ତାହାରରେ ସର୍ବଦା ସମାନ ନାଗରିକ ସଂହିତା ପ୍ରଣୟନ ପାଇଁ ଉଲ୍ଲେଖ କରିଆସିଛି । ବିଜେପିର ଏହା ଏକ ପୁରୁଣା ଏଜେଣ୍ଡା । ପାର୍ଟି ଗଠନ ମୂଳରୁ ଏହାର ସପକ୍ଷରେ ବିଜେପି କହି ଆସିଛି । ଅନେକ ହିନ୍ଦୁତ୍ୱବାଦୀ ସଂଗଠନ ଓ ରାଜନୈତିକ ଦଳ ଏହାକୁ ସମର୍ଥନ କରିଆସିଛନ୍ତି । ଏହି ବିଷୟକୁ ନେଇ ବିଜେପି ଅଭିଯୋଗ ଆଣି ଆସିଛି ଯେ ବିରୋଧୀ ଦଳଗୁଡ଼ିକ ଏହା ବଦଳରେ ତୁଷ୍ଟିକରଣ ରାଜନୀତି କରୁଛନ୍ତ । ଅନେକ ସଂଖ୍ୟାଲଘୁ ସମ୍ପ୍ରଦାୟ ଏପରି ସାଧାରଣ ନିୟମର ପ୍ରଣୟନକୁ ଗ୍ରହଣ କରିପାରୁ ନାହାଁନ୍ତି । ଏହାଦ୍ୱାରା ତାଙ୍କ ଧାର୍ମିକ ନିତୀନିୟମ ବଳିପଡ଼ିବ ବୋଲି ଅନୁଭବ କରୁଛନ୍ତି । ତେଣୁ ସେମାନେ ଏହାକୁ ବିରୋଧ କରୁଛନ୍ତି । ତାଙ୍କ ଭୋଟ ପାଇବା ଆଶାରେ ବିରୋଧିମାନେ ତାଙ୍କ ହଁରେ ହଁ ମାରୁଛନ୍ତି । ବିଜେପି ବିଶେଷକରି ମୁସଲମାନମାନଙ୍କୁ ଲକ୍ଷ୍ୟରେ ରଖି ସେମାନେ କାହିଁକି ସମାନ ନିୟମର ଅନ୍ତର୍ଗତ ହେବେ ନାହିଁ ବୋଲି ଅଭିଯୋଗ କରିଆସିଛି । ମୁସଲମାନମାନେ ସମାନ ନାଗରିକ ସଂହିତା ଅପେକ୍ଷା ସାରିଆତର ନିୟମ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଯୋଗୁଁ ବିବାଦ ଦେଖାଦେଉଛି । ଏମାନଙ୍କ ବ୍ୟତୀତ ଅନ୍ୟ ସଂଖ୍ୟାଲଘୁମାନେ ଏପରି ନିୟମକୁ ନେଇ ଏତେ ପ୍ରତିକ୍ରିୟାଶୀଳ ନୁହଁନ୍ତି । ଅନେକ ଆଦିବାସୀ ସଂଗଠନ ଓ ଗୋଷ୍ଠୀମାନେ ମଧ୍ୟ ଏହାକୁ ବିରୋଧ କରୁଛନ୍ତି । ନିଜ ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସ ନଷ୍ଟ ହୋଇଯିବା ଭୟରେ ସେମାନେ ଏହାକୁ ବିରୋଧ କରିବାର ଦେଖାଯାଉଛି । ସମ୍ବିଧାନ ରଚନା କାଳରେ ସମ୍ବିଧାନ ପ୍ରଣୟନ ସଭାରେ ମଧ୍ୟ ଏହା ଉପରେ ବ୍ୟାପକ ଚର୍ଚ୍ଚା ହୋଇଥିଲା । କିନ୍ତୁ ସେ ସମୟରେ ସଦସ୍ୟମାନେ ଏହାକୁ ନେଇ ଏକମତ ହୋଇପାରି ନଥିଲେ ଯଦିଓ ଏହାର ଆବଶ୍ୟକତାକୁ ସ୍ୱୀକାର କରିଥିଲେ । କାରଣ ସେ ସମୟରେ ବିଭିନ୍ନ ଧର୍ମ, ଗୋଷ୍ଠୀ ଓ ସମ୍ପ୍ରଦାୟର ନେତାଙ୍କୁ ମନାଇବା ସହଜସାଧ ନଥିଲା । ତେଣୁ ସମସ୍ତଙ୍କ ମତକୁ ସ୍ୱୀକାର କରିବାକୁ ଯାଇ ନିୟମର ବିବିଧତାକୁ ମଧ୍ୟ ସ୍ୱୀକାର କରାଯାଇ ଥିଲା । ସମ୍ବିଧାନ ପ୍ରଣୟନ ଚିଠା କମିଟିର ଚେୟାରମ୍ୟାନ ଡକ୍ଟର ବି.ଆର୍. ଆମ୍ବେଦକର ଏକ ପ୍ରଗତିଶୀଳ ଇଉନିଫର୍ମ ସିଭିଲ କୋର୍ଡର ଦୃଢ଼ ସମର୍ଥକ ଥିଲେ । ସହମତିର ଅଭାବରୁ ଏହାକୁ ସମ୍ବିଧାନରେ ସ୍ଥାନିତ କରାଯାଇ ପାରିନଥିଲା । ଏଥିପାଇଁ ସେ ସମ୍ବିଧାନର ଧାରା ୪୪ ରେ ସ୍ଥାନିତ କରି ଯାଇଛନ୍ତି ଯେ ରାଷ୍ଟ୍ର ଏଦିଗରେ ପ୍ରୟାସ ଅବ୍ୟାହତ ରଖିବା ଉଚିତ୍ । ଏକ ପ୍ରଗତିଶୀଳ ଓ ଆଧୁନିକ ରାଷ୍ଟ୍ର ଗଠନ ପାଇଁ ଏହା ଅପରିହାର୍ଯ୍ୟ ବୋଲି ତାଙ୍କ ମତ ଥିଲା । ସ୍ୱାଧୀନତା ପରେ ହିନ୍ଦୁଧର୍ମରେ ସମାନତା ଆଣିବା ପାଇଁ ସେ ସୁପ୍ରସିଦ୍ଧ ହିନ୍ଦୁ କୋଡ୍ ବିଲ୍ ସଂସଦରେ ଆଗତ କରିଥିଲେ । ଏହା ମଧ୍ୟ ସମାନ ନାଗରିକ ସଂହିତାର ଅଂଶବିଶେଷ ଥିଲା । ରକ୍ଷଣଶୀଳ ହିନ୍ଦୁଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ଗୃହିତ ହୋଇପାରିଲା ନାହିଁ । ଅର୍ଥାତ୍ ସେ ସମୟରେ ହିନ୍ଦୁ ସମାଜର ଏକ ବଡ଼ଅଂଶ ଏପରି ନିୟମର ସପକ୍ଷରେ ନଥିଲା । ଶେଷରେ ଏହି ପ୍ରସଙ୍ଗ ଉପରେ ଡକ୍ଟର ଆମ୍ବେଦକର କ୍ଷୋଭର ସହିତ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ । ସପକ୍ଷବାଦୀଙ୍କ ଯୁକ୍ତି ହେଉଛି ଗୋଟିଏ ଦେଶରେ ଗୋଟିଏ ପ୍ରକାର ନିୟମ ହେବା ଜରୁରୀ । ଏହା ରାଷ୍ଟ୍ରୀୟ ଏକତାକୁ ମଜଭୂତ କରିବ । ଅମାନବୀୟ ଓ ଅନୈତିକ ସାମାଜିକ ବିଧିବିଧାନକୁ ସମାପ୍ତ କରିବ । ପ୍ରାୟତଃ ସମସ୍ତ ବିକଶିତ ରାଷ୍ଟ୍ର ସମାନ ନାଗରିକ ନିୟମକୁ ଅନୁସରଣ କରନ୍ତି । ଭାରତବର୍ଷ ଭିତରେ ଗୋଆରେ ଏହିପ୍ରକାର ନିୟମ ରହିଛି । ପର୍ତ୍ତୁଗୀଜ ଶାସନରୁ ମୁକ୍ତ ହେବାପରେ ୧୯୬୨ ରୁ ସେଠାରେ ଏହା ଲାଗୁ ହୋଇ ଆସୁଛି । ବିଜେପି ଶାସିତ ରାଜ୍ୟ ଉତରାଖଣ୍ଡରେ ମଧ୍ୟ ଏହା ଲାଗୁ ହେବାକୁ ଯାଉଛି । ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ । ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀ ସେମାନଙ୍କ ସ୍ୱତନ୍ତ୍ରତା ବଜାଇ ରଖିବେ । ଗୋଟିଏ ଉତ୍କୃଷ୍ଟ ଓ ପ୍ରଗତିଶୀଳ ସମାଜ ପାଇଁ ଯାହା ଆବଶ୍ୟକ ତାକୁହିଁ ଗୁରୁତ୍ୱ ଦିଆଯିବ । ସମାନତା ଉପରେ ଗୁରୁତ୍ୱ ଦିଆଯିବ । ନାରୀ ସ୍ୱାଧୀନତାକୁ ସ୍ୱୀକାର କରାଯିବ ଓ ତାଙ୍କୁ ପୁରୁଷ ସହିତ ସମାନ ବୋଲି ବିବେଚନା କରାଯିବ । ଉତରାଧିକାରୀ ସୂତ୍ରରେ ସେମାନେ ମାଲିକାନା ହକ୍ ପାଇବେ । ଜନସଂଖ୍ୟା ନିୟନ୍ତ୍ରଣକୁ ନିଶ୍ଚିତ କରାଯିବ । ବହୁପତ୍ନୀ ଓ ବହୁପତି ଗ୍ରହଣକୁ ନିରୁତ୍ସାହିତ କରାଯିବ । ଘୃଣା-ଦ୍ୱେଷ ସୃଷ୍ଟିକାରୀ ସାମାଜିକ ବିଭେଦକୁ ଦୂର କରାଯିବ । ଏପରି ଅନେକ ଲୋଭନୀୟ ଓ ମନ ମତାଣିଆ କଥା ସପକ୍ଷବାଦୀମାନେ କହନ୍ତି । ଗୋଟିଏ ବିଭେଦଶୂନ୍ୟ ମମତାପୂର୍ଣ୍ଣ ଉନ୍ନତ ସମାଜ କଥା ଏମାନେ କହନ୍ତି । ଭାଷା, ସଂସ୍କୃତି, ପରମ୍ପରା ଓ ବିଶ୍ୱାସ ଉପରେ ଏ ନିୟମ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବୋଲି ଏମାନଙ୍କ ଯୁକ୍ତି । ଆଗରୁ ଫୌଜଦାରୀ ଆଇନରେ ସମାନତା ରହିଛି । ଏବେ ଦେଓ୍ୱାନି ନିୟମ କ୍ଷେତ୍ରରେ ସମାନତା ଆସିଲେ ଅସୁବିଧା କେଉଁଠି ବୋଲି ତାଙ୍କ ପ୍ରଶ୍ନ ? ପ୍ରସ୍ତାବିତ ନିୟମକୁ ନେଇ ବିପକ୍ଷବାଦୀଙ୍କ ଯୁକ୍ତି ଭିନ୍ନ । ତାଙ୍କ ଯୁକ୍ତି ଯେ ପ୍ରଗତିଶୀଳ ଆଭିମୁଖ୍ୟ ନେଇ ଏ ନିୟମ ଅଣାଯିବାର ଅଭିପ୍ରାୟ ବିଜେପିର ନାହିଁ । ସଂଖ୍ୟାଲଘୁ ସମ୍ପ୍ରଦାୟ, ବିଶେଷକରି ମୁସଲମାନମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଏହା ପ୍ରେରିତ । ସମାନ ନାଗରିକ ସଂହିତା ଆଳରେ ହିନ୍ଦୁତ୍ୱବାଦୀ ବିଚାରଧାରାକୁ ସମସ୍ତଙ୍କ ଉପରେ ଲଦିଦେବାର ଅଭିପ୍ରାୟ ରହିଛି । ହିନ୍ଦୁ ସମାଜର ତଳ ସୋପାନର ଜାତିମାନଙ୍କ ଆଶଙ୍କା ଯେ ବିଜେପି ଏହି ନିୟମର ଆଢୁଆଳରେ ମନୁସ୍ମୃତିକୁ ସ୍ଥାପନ କରିବାକୁ ଚାହୁଁଛି ଓ ଜାତିବାଦୀ ବିଭେଦ ଉପରେ ନିୟମର ପୋଷାକ ପିନ୍ଧାଇବାକୁ ଚାହୁଁଛି । ଏହା ପଛରେ ଧାର୍ମିକ ଆଧିପତ୍ୟବାଦୀ ଓ ଉଚ୍ଚଜାତିବାଦୀ ମାନସିକତା ରହିଛି । ବିଭିନ୍ନ ଧର୍ମ, ସମ୍ପ୍ରଦାୟ, ଗୋଷ୍ଠୀ ଓ ଜନଜାତିର ସ୍ୱାତନ୍ତ୍ରତାକୁ ସମାପ୍ତ କରିବାକୁ ଚାହୁଁଛି । ଏହାରି ଆଳରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସମାପ୍ତ କରିବାକୁ ଚାହେଁ । ଏମାନଙ୍କ ଯୁକ୍ତି ଯେ ଡକ୍ଟର ଆମ୍ବେଦକରଙ୍କ ପରିକଳ୍ପିତ ସମାନ ଆଚାର ସଂହିତା ଓ ବିଜେପିର ପରିକଳ୍ପିତ ନିୟମ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଯେଉଁ ପ୍ରଗତିଶୀଳ ଗୋଷ୍ଠୀ ବିଭିନ୍ନ ଧର୍ମ ମଧ୍ୟରେ ଥିବା ବିଭେଦକୁ ହଟାଇ ସମାନତା ଆଣିବାକୁ ଚାହାଁନ୍ତି ସେମାନଙ୍କ ଯୁକ୍ତି ହେଉଛି ବିଜେପି ସରକାର ପ୍ରାଧାନ୍ୟ ଦେଉଥିବା ହିନ୍ଦୁଧର୍ମ ମଧ୍ୟରେ ଥିବା ସମସ୍ତ ବିଭେଦକୁ ହଟାଇ ପ୍ରଥମେ ସମାନତା ଆଣୁ । ବିଭେଦର ଜନକ ବର୍ଣ୍ଣବ୍ୟବସ୍ଥାକୁ ହଟାଉ । ସ୍ପଷ୍ଟ କରୁ କୌଣସି ଗୋଟିଏ ଧର୍ମର ନୀତିନିୟମକୁ ଭିନ୍ନ ଧର୍ମ ଉପରେ ଲଦାଯିବ ନାହିଁ । କୌଣସି ପ୍ରକାର ଧାର୍ମିକ ପକ୍ଷପାତିତା ରହିବ ନାହିଁ । ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ଓ ବିତର୍କ ହେଉ । ପ୍ରତ୍ୟେକ ଧର୍ମ, ଜାତି ଓ ସମ୍ପ୍ରଦାୟର ଲୋକଙ୍କୁ ମଧ୍ୟ ଏହି ବିତର୍କରେ ସାମିଲ କରାଯାଉ । ବିଭିନ୍ନ ସ୍ଥାନରେ ଆଲୋଚନା ସଭା ଆୟୋଜନ ହେବା ଜରୁରୀ । ସଂସଦରେ ମଧ୍ୟ ଏହା ଉପରେ ବିତର୍କ ହେଉ । ଯାହା ଫଳରେ ଏକ ସର୍ବାଦୃତ ଉତ୍କୃଷ୍ଟ ନିୟମ ଆମେ ପାଇପାରିବା । ସପକ୍ଷ ଓ ବିପକ୍ଷରେ ଯେତେ ଆଲୋଚନା ହେବ ପ୍ରସ୍ତାବିତ ନିୟମର ଦୋଷଦୁର୍ବଳତା ସେତେ ପଦାରେ ପଡିବ ଏବଂ ଏହାର ଉପାଦେୟତା ସେତେ ବୋଧଗମ୍ୟ ହେବ । ବିଭିନ୍ନ ପ୍ରକାର ଆଶଙ୍କାକୁ ଆଲୋଚନା ମାଧ୍ୟମରେ ହଟାଇବାକୁ ଚେଷ୍ଟା କରାଯାଉ । ଭାରତବର୍ଷ ବହୁ ଧର୍ମ, ବହୁ ସମ୍ପ୍ରଦାୟ, ବହୁ ଜାତି ଓ ବହୁବିଧ ବିଶ୍ୱାସର ଦେଶ । ତେଣୁ ଏଦିଗରେ ସହମତିର ବାଟ ସର୍ବୋତମ ।

*ଦର୍ଶନବିଭାଗ*
*(ଅବସରପ୍ରାପ୍ତ)ବାରିପଦା,*
*ମୟୂରଭଞ୍ଜ, ମୋ.*
*୭୦୦୮୯୭୬୧୮୦*

# ଅଥ ଯୋଗାନୁଶାସନମ୍



◆ ହେମନ୍ତ କୁମାର ଗନ୍ତାୟତ

ଆମ ଭାରତୀୟ ପ୍ରାଚୀନ ବୈଦିକ ସଂସ୍କୃତି ଓ ପରମ୍ପରା ଅତୀବ ଗୌରବମୟ ଥିଲା । ସେହି ସମୟରେ ଆମ ଦେଶର ଜ୍ଞାନ ଏବଂ ବିଜ୍ଞାନ ଉତ୍କର୍ଷର ଶୀର୍ଷ ସ୍ଥାନରେ ପହଂଚି, ସମସ୍ତ ଦୁନିଆକୁ ଦିଗ୍‌ଦର୍ଶନ ଦେବାରେ ସମର୍ଥ ହୋଇପାରିଥିଲା । ଏହି ଗୌରବ ପ୍ରାପ୍ତିର ପୃଷ୍ଠ ଭାଗରେ ଥିଲେ ଆମର ପ୍ରାତସ୍ମରଣୀୟ ମହର୍ଷି ସମୂହ । ଯେଉଁମାନେ ଥିଲେ ଜଣେ ଜଣେ ଦାର୍ଶନିକ, ବୈଜ୍ଞାନିକ, ଜ୍ୟୋତିର୍ବିଦ ଏବଂ ଶାସ୍ତ୍ରଜ୍ଞ । ସେହିମାନଙ୍କ ମଧ୍ୟରୁ ଜଣେ ଥିଲେ ବିଜ୍ଞ ଦାର୍ଶନିକ ମହର୍ଷି ପତଞ୍ଜଳି । ସେ ହେଉଛନ୍ତି ଯୋଗଦର୍ଶନ ପ୍ରଣେତା । ଏହି ଦର୍ଶନରେ ୪ଟି ଅଧ୍ୟାୟ ବା 'ପାଦ' ରହିଛି । ଯଥା: ସମାଧି ପାଦ, ସାଧନ ପାଦ, ବିଭୂତି ପାଦ ଓ କୈବଲ୍ୟ ପାଦ । ସେଭଳି ଏହାର ଆଠଗୋଟି ଅଙ୍ଗ ମଧ୍ୟ ରହିଛି । ଯଥା: ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି । ଯାହାକୁ ଉକ୍ତ ଦର୍ଶନ ବା ବିଦ୍ୟାର ମୂଳଦୁଆ କୁହାଯାଏ । ଏହି ଦର୍ଶନର ପ୍ରଥମ ସୂତ୍ର 'ଅଥ ଯୋଗାନୁଶାସନମ୍' । ଯାହା ତିନୋଟି ଶବ୍ଦକୁ ନେଇ ଗଠିତ, ଯଥା: ଅଥ, ଯୋଗ ଓ ଅନୁଶାସନ । ସେ'ମଧ୍ୟରୁ 'ଅଥ' ର ଅନେକ ଅର୍ଥ ଥିଲେ ମଧ୍ୟ ଏଠାରେ ବର୍ତ୍ତମାନ ସମୟକୁ ଗ୍ରହଣ କରାଯାଇଛି । ସେଭଳି ଯୋଗର ଅର୍ଥ ସଂଯୁକ୍ତ କରିବା । ଯାହା ଆଗକୁ ଆଲୋଚିତ ହେବାକୁ ଯାଉଛି । ଶେଷଟି ଅନୁଶାସନ ଅର୍ଥାତ୍ ଅନୁସରଣ କରିବା, ଶୃଙ୍ଖଳା ସହିତ ବା ଶୃଙ୍ଖଳାର ସହ ପାଳନ କରିବା । ଏହି ସୂତ୍ରକୁ ସରଳ ଭାଷାରେ କହିବାକୁ ଗଲେ, ବର୍ତ୍ତମାନ ସମୟ ହିଁ ପ୍ରକୃଷ୍ଟ ଅଟେ । ତେଣୁ କାଳବିଳମ୍ବ ନ କରି ଗୁରୁ ନିର୍ଦ୍ଦେଶିତ ପ୍ରକୃଷ୍ଟ ମାର୍ଗକୁ ଅବଲମ୍ବନ କରିବା ସହିତ ଆତ୍ମାନନ୍ଦରେ ଯୋଗ ହେବା । ଯୋଗ ହେଉଛି ଏକ ସ୍ୱତଃସ୍ଫୂର୍ତ୍ତ ଜୀବନଶୈଳୀ ଏବଂ ଶୃଙ୍ଖଳିତ ମାର୍ଗ । ଏହା କୌଣସି ଜବରଦସ୍ତ ଭାବେ ଲଦି ଦିଆଯାଇଥିବା ନିୟମ ନୁହେଁ, ବରଂ ନିଜ ଉନ୍ନତି ପାଇଁ ନିଜେ ଗ୍ରହଣ କରିଥିବା ଏକ ଉତମ ଶୃଙ୍ଖଳା । ଯୋଗଦର୍ଶନ ଦୁଇଟି ଶବ୍ଦକୁ ନେଇ ଗଠିତ । ପ୍ରଥମଟି ହେଉଛି ଯୋଗ, ଯାହା ସଂସ୍କୃତ ଭାଷାର 'ଯୁଜ୍' ଧାତୁରୁ ଆସିଛି । ଯା'ର ଅର୍ଥ 'ମିଳନ' ବା 'ଯୋଡ଼ିବା' ଏବଂ ଅପରଟି ହେଉଛି ଦର୍ଶନ, ଅର୍ଥାତ୍ ଜ୍ଞାନ । ସାଧାରଣ ଭାଷାରେ କହିବାକୁ ଗଲେ ଯେଉଁ ଜ୍ଞାନ ଦ୍ୱାରା ଜୀବ ଓ ଆତ୍ମାର ମିଳନ ହୁଏ, ତାହାକୁ ଯୋଗ କୁହାଯାଏ । ଏହି ଜ୍ଞାନ ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସନ୍ତୁଳନ ସୃଷ୍ଟି କରି ଆଧାତ୍ମିକ ଶାନ୍ତି ପ୍ରଦାନ କରିଥାଏ । ଯୋଗ କେବଳ ଜୀବ ସହ ଆତ୍ମାର ମିଳନ କରି ନଥାଏ, ଅପିତୁ ନିତ୍ୟାଭ୍ୟାସ ଦ୍ୱାରା ଶରୀରକୁ ସୁସ୍ଥ ଓ ନମନୀୟ ରଖିବାରେ ସାହାଯ୍ୟ କରେ ଏବଂ ରକ୍ତସଂଚାଳନ ତଥା ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ । ତା'ସହ ମାନସିକ ଶାନ୍ତି ମଧ୍ୟ ଦେଇଥାଏ । ଆମେ ସମସ୍ତେ ଜାଣୁ ମଣିଷର ମନ ବଡ଼ ଚଂଚଳ । ଏହାକୁ ଆୟତ କରିବା ଅତ୍ୟନ୍ତ କଷ୍ଟକର । କିନ୍ତୁ ଯୋଗାଭ୍ୟାସ ଦ୍ୱାରା ମନ ଏକାଗ୍ର ହୋଇଥାଏ । ତେଣୁ ଶ୍ରୀମଦ୍‌ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି:

*ଅସଂଯତାତ୍ମନା ଯୋଗୋ*
*ଦୁଷ୍ପ୍ରାପ୍ୟ ଇତି ମେ ମତିଃ ।*
*ବଶ୍ୟାତ୍ମନା ତୁ ଯତତା*
*ଶକ୍ୟୋଽବାପ୍ତୁମୁପାୟତଃ॥*

ଅର୍ଥାତ୍ ଯେଉଁମାନଙ୍କର ମନ ଅସଂଯତ, ସେମାନେ ଯୋଗରେ ସିଦ୍ଧି ଲାଭ କରିବା କଷ୍ଟକର ବ୍ୟାପାର । କିନ୍ତୁ ଯେଉଁମାନେ ସଠିକ୍ ଓ ନିଷ୍ଠାପର ଉପାୟରେ ଯୋଗ ସାଧନ କରନ୍ତି, ସେ'ମାନେ ଚଂଚଳ ମନକୁ ସଂଯତକରି ସିଦ୍ଧି ଲାଭ କରନ୍ତି । ବର୍ତ୍ତମାନ ସମୟରେ ଦେଖାଯାଏ ଯେ, ଆବାଳ ବୃଦ୍ଧ ବନିତାଦି ପ୍ରାୟତଃ ଚାପଗ୍ରସ୍ତ । ଯେପରି କୋମଳମତି ବାଳକ ଓ ବାଳିକାମାନେ ଶିକ୍ଷା ପାଇଁ, ଯୁବକ ଓ ଯୁବତୀମାନେ ବୃତି ପାଇଁ, ଗୃହସ୍ଥମାନେ ପାରିବାରିକ ଦାୟିତ୍ୱ ପାଇଁ, କର୍ମଚାରୀମାନେ କର୍ମ କ୍ଷେତ୍ର ପାଇଁ ଏବଂ ବୃଦ୍ଧ ଓ ବୃଦ୍ଧାମାନେ ନିଃସଙ୍ଗ ଜୀବନ ବଂଚିବା ପାଇଁ । ଏହି ଚାପରୁ ମୁକ୍ତି ପାଇବା ନିମନ୍ତେ ଯୋଗ ହିଁ ଏକ ସଫଳ ମାଧ୍ୟମ । ଚିନ୍ତାକୁ ଦୂର କରିବାକୁ ହେଲେ ପ୍ରାଣାୟାମ ଏବଂ ଧ୍ୟାନର ନିତ୍ୟାନ୍ତ ଆବଶ୍ୟକ । ଏହା ଦ୍ୱାରା ମନ ଶାନ୍ତ ରହେ ଏବଂ ମସ୍ତିଷ୍କ ଅଧିକ କ୍ରିୟାଶୀଳ ହୋଇଥାଏ । ଏଣୁ ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଉଛି: 'ଯୋଗଃ କର୍ମସୁ କୌଶଳମ୍' । ଆମ ଧର୍ମ ଶାସ୍ତ୍ରାଦି କେବେବି ଗୋଟିଏ ଗୋଷ୍ଠି ବା ସମ୍ପ୍ରଦାୟ କଥା ଚିନ୍ତା କରି ନଥାଏ । ଅପିତୁ ସେ ସଦା ସର୍ବଦା ସମଗ୍ର ସଂସାରର କଲ୍ୟାଣ ଚିନ୍ତନ କରି ଆସିଛି । ଯା'ର ପ୍ରକୃଷ୍ଟ ଦୃଷ୍ଟାନ୍ତ ଯୋଗ ଶାସ୍ତ୍ର । ଏହି ଯୋଗ ଶାସ୍ତ୍ରର ଉପାଦେୟତା ଉପଲବ୍ଧି କରି ଖ୍ରୀଷ୍ଟାବ୍ଦ ୨୦୧୫ ମସିହା ଜୁନ ମାସ ୨୧ ତାରିଖରେ ଆନ୍ତର୍ଜାତୀୟ ଯୋଗ ଦିବସ ସର୍ବ ପ୍ରଥମେ ପାଳନ କରାଗଲା । ଏହାର ପ୍ରଚାର ଓ ପ୍ରସାର ପାଇଁ ପ୍ରତିବର୍ଷ ଜୁନ ୨୧ ତାରିଖକୁ ସମଗ୍ର ବିଶ୍ୱରେ 'ଆନ୍ତର୍ଜାତୀୟ ଯୋଗ ଦିବସ' ରୂପେ ପାଳନ କରାଯାଉଛି । ଏହି ଗୌରବମୟ ଦିନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ ସବୁ ଦେଶର, ସବୁ ବୟସର ଏବଂ ସବୁ ଧର୍ମର ଲୋକେ ସହଜରେ ଅଭ୍ୟାସ କରିଥାନ୍ତି । ଆମ ସଂସ୍କୃତିର ଯୋଗ ଏପରି ଏକ ମାଧ୍ୟମ ଯାହା ଧର୍ମ - ଧର୍ମ ମଧ୍ୟରେ, ଜାତି - ଜାତି ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ଆମକୁ ପ୍ରକୃତି ସହିତ ଯୋଡ଼ିଥାଏ ଏବଂ ଆମ ଭିତରେ ସକାରାତ୍ମକ ଶକ୍ତିର ସଂଚାର ମଧ୍ୟ କରିଥାଏ । ନୀରୋଗ ଶରୀର ଏବଂ ନିର୍ମଳ ମନ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ଉଚିତ । ଏହା କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ବରଂ ଜୀବନ ଜିଇଁବାର ଏକ ସର୍ବୋତମ କଳା । ତେଣୁ 'ଅଥ ଯୋଗାନୁଶାସନମ୍' ସୂତ୍ରକୁ ବୁଝିବା ସହ ଉପଯୋଗରେ ଆଣି ପାରିଲେ ଆମ ଜୀବନ ସାର୍ଥକ ହୋଇପାରିବ ।



*ଡଃ. ଘନଶ୍ୟାମ ମିଶ୍ର*
*ସଂସ୍କୃତ ମହାବିଦ୍ୟାଳୟ ,*
*କବିସୂର୍ଯ୍ୟ ନଗର ,*
*୯୮୬୧୩୩୪୮୬୮*

## ଯୋଗ ରଖେ ରୋଗମୁକ୍ତ

ପୁରାତନ କାଳେ ମୁନି ଋଷୀମାନେ
ନେଉଥିଲେ ଯୋଗ ଦୀକ୍ଷା
ସୁସ୍ଥ ଓ ସବଳ ଶରୀରକୁ ରଖି
କରୁଥିଲେ ସ୍ୱୟଂ ରକ୍ଷା ।
ଯୋଗ ସହ ଥିଲେ ପ୍ରଭୁ ଭକ୍ତି ଚିତେ
ମିଳଇ ଅମୃତ ଫଳ
ସମୟକୁ ଦେଖି ଯୋଗାସନ କଲେ
ଆପେ ବଢେ ମନୋବଳ ।
ସଂଜ ଓ ସକାଳେ କଲେ ଯୋଗ ବିଧି
ପ୍ରସନ୍ନ ରୁହଇ ମନ
ରୋଗ ବଇରାଗ ନଆସଇ ପାଶ
ସୁଖେ ବିତେ ରାତିଦିନ ।
ନିତି ଯୋଗ କଲେ ମନ ରୁହେ ସ୍ଥିର
ରକ୍ତ ହୁଏ ଗତିଶୀଳ
ମାଂସ ପେଶୀ ଆମ ହୋଇଥାଏ ଦୃଢ
ଦେହରେ ଜାଗଇ ବଳ ।
ଯୋଗର ପ୍ରକାର ରହିଛି ଅନେକ
କିଏ କାହା ପାଇଁ ଲୋଡା
ଶିଷ୍ଟତା ପରଖି ଯୋଗାଭ୍ୟାସ କଲେ
ନରୁହେ ଶରୀରେ ପୀଡା ।
ପରିଶ୍ରମ କଲେ କର୍ମ ରୂପେ ଯୋଗ
ଶରୀରରେ ଦେଖା ଦିଏ
ଅଳସ ପଣକୁ ତେଜି ଯୋଗାସନ
ସଭିଂକ ମନକୁ ମୋହେ ।
ବିଷାଦପଣକୁ ଦୂରକରି ଯୋଗ
କରିଥାଏ ମନ ଶାନ୍ତ
ଶରୀରକୁ ରଖେ ସଦା ରୋଗମୁକ୍ତ
ଖୁସି ବାଣ୍ଟେ ଅପ୍ରମିତ ।
ଜୁନ୍ ଏକୋଇଶି ସମଗ୍ର ବିଶ୍ୱରେ
ଯୋଗ ଦିବସେ ନାମିତ
ଆସ ସର୍ବେ ମିଳି ଯୋଗ ଓ ବ୍ୟାୟାମ
କରିବା ହୋଇ ଏକତ୍ର ।





# ବିପର୍ଯ୍ୟୟ ପରିଚାଳନା ମକ୍ ଅଭ୍ୟାସ ସଫଳତାର ସହ ଉଦ୍‌ଯାପିତ




ବାରିପଦା: ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଭୁବନେଶ୍ୱରଙ୍କ ସହଯୋଗରେ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ମୟୁରଭଞ୍ଜଙ୍କ ତତ୍ୱାବଧାନରେ ଜିଲ୍ଲାର ୧୦ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ମକ୍ ଅଭ୍ୟାସ (**Mock Exercise**) ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି, ସମନ୍ୱୟ ଓ ପ୍ରତିକ୍ରିୟା ବ୍ୟବସ୍ଥାର କାର୍ଯ୍ୟକ୍ଷମତାର ଆକଳନ କରିବା । ଚଳିତ ବର୍ଷ ଭାରତୀୟ ପାଣିପାଗ ବିଭାଗ (**IMD**) ଦ୍ୱାରା ପ୍ରଦତ୍ତ "ପ୍ରବଳ ବନ୍ୟା ଏବଂ ଭୂସ୍ଖଳନ" ଦୃଶ୍ୟପଟକୁ ଆଧାର କରି ଏକ କୃତ୍ରିମ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି କରାଯାଇଥିଲା । ଏଥିରେ ଉଦ୍ଧାରକାରୀ ଦଳ ସ୍ଥାନାନ୍ତର ପ୍ରକ୍ରିୟା, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଓ ଜରୁରୀକାଳୀନ ଚିକିତ୍ସା ସେବାର ପ୍ରଦର୍ଶନ କରିଥିଲେ । ଆହତମାନଙ୍କୁ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପ୍ରତିକ୍ରିୟାକାରୀ ସଂସ୍ଥାମାନଙ୍କ ମଧ୍ୟରେ ଜରୁରୀକାଳୀନ ଯୋଗାଯୋଗ ବ୍ୟବସ୍ଥାର ମଧ ପରୀକ୍ଷଣ କରାଯାଇଥିଲା । ଏହି ମକ୍ ଅଭ୍ୟାସରେ ଅଗ୍ନିଶମ ସେବା, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ (**ODRAF**), ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (**NDRF**), ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।୧୦ଟି ଆଶ୍ରୟସ୍ଥଳର ପରିଚାଳନା ଓ ତଦାରଖ କମିଟିର ସଦସ୍ୟ/ସଦସ୍ୟାଙ୍କ ସହ ନୋଡାଲ ଏନଜିଓ ଯଥା ସ୍ୱାର୍ଦ୍ଧା, ସଂକଳ୍ପ, ଭାର୍ଡି, ସିକ୍ୟୁର, ଫୋର୍ଡ଼, ଆରମ୍ଭ, ଆଧାର, ଦାସୀ, ଶକ୍ତି ଶିଖା ଓ ପ୍ରାଇଡ୍‌ଙ୍କ ସକ୍ରିୟ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଜିଲ୍ଲା ସ୍ତରରେ ଜରୁରୀକାଳୀନ ବିଭାଗର ଆସିଷ୍ଟାଂଟ କଲେକ୍ଟର ଶ୍ରୀ ତାପସ କୁମାର ମହାନ୍ତ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଜଗବନ୍ଧୁ ମହାନ୍ତି ଏବଂ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ସୁତନୁ କୁମାର ଠାକୁର ଅଭ୍ୟାସକୁ ପର୍ଯ୍ୟବେକ୍ଷଣ କରିଥିଲେ । ସେମାନେ ପ୍ରତିକ୍ରିୟା ସମୟ, ସମ୍ବଳ ସଂଗ୍ରହ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟର ସମୀକ୍ଷା କରିବା ସହିତ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଗୋଷ୍ଠୀ ସହଯୋଗ ଓ ନିୟମିତ ମକ୍ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି, ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଏବଂ ଜରୁରୀ ପରିସ୍ଥିତିରେ ଅନୁସରଣୀୟ ସୁରକ୍ଷା ପ୍ରୋଟୋକଲ୍ ସମ୍ପର୍କରେ ସଚେତନ କରାଯାଇଥିଲା । ଅଭ୍ୟାସ ଶେଷରେ ଏକ ଡିବ୍ରିଫିଂ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ଅଭ୍ୟାସର ସଫଳତା, ଚ୍ୟାଲେଞ୍ଜ ଏବଂ ଭବିଷ୍ୟତରେ ଉନ୍ନତିର ସମ୍ଭାବ୍ୟ କ୍ଷେତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅଧିକାରୀମାନେ କହିଥିଲେ ଯେ, ଏପରି ଅଭ୍ୟାସ ବିପର୍ଯ୍ୟୟ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ସହ ପ୍ରକୃତ ଜରୁରୀ ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଫଳପ୍ରଦ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ମକ୍ ଅଭ୍ୟାସ ପୂର୍ବରୁ ତା. ୧୬.୦୬.୨୦୨୬ ରେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଏବଂ ତା.୧୮.୦୬.୨୦୨୬ ରେ ଜିଲ୍ଲାର ୨୫ଟି ବ୍ଲକରେ ଟେବୁଲ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା ।

# ନୂତନ ଶିକ୍ଷା ବର୍ଷରେ ଜିଲ୍ଲାପାଳଙ୍କ ବିଦ୍ୟାଳୟ ପରିଦର୍ଶନ

ଭଦ୍ରକ : ନୂତନ ଶିକ୍ଷାବର୍ଷରେ ବିଦ୍ୟାଳୟ ଖୋଲିବା ପରେ ଭଦ୍ରକ ଜିଲ୍ଲା ଗେଲପୁର ସ୍ଥିତ ବାପୁଜୀ ନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଜିଲ୍ଲାପାଳ ଡକ୍ଟର ଦିଲୀପ ରାଉତରାୟ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରେଣୀ ଗୃହକୁ ଯାଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ସହ ସିଧାସଳଖ ଭାବ ବିନିମୟ କରି ଆଲୋଚନା କରିଥିଲେ । ନୂଆ ପାଠ୍ୟପୁସ୍ତକ ବଂଟନ, ଛାତ୍ର ଛାତ୍ରୀଙ୍କ ଉପସ୍ଥାନ,ପାଠ ପଢା, ପାନୀୟ ଜଳ କ୍ଲାସ ରୁମ୍ ଶୌଚାଳୟ, ମଧ୍ୟାହ୍ନ ଭୋଜନ ଓ ବିଦ୍ୟାଳୟରେ ମିଳୁଥିବା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ଜିଲ୍ଲାପାଳ କହିଥିଲେ ଯେ, ନୂତନ ଶିକ୍ଷାବର୍ଷ ଆରମ୍ଭରୁ ହିଁ ଗୁଣାତ୍ମକ ଶିକ୍ଷା, ଶତ ପ୍ରତିଶତ ନାମଲେଖା ଓ ଉପସ୍ଥାନ ସୁନିଶ୍ଚିତ କରିବାକୁ ହେବ । ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ଶିକ୍ଷକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ନୂତନ ଶିକ୍ଷା ବର୍ଷ ରୁ ପାଠ ପଢା ପ୍ରତି ଗୁରୁତ୍ୱ ଦିଆଯାଉଥିବା ଶିକ୍ଷୟତ୍ରୀ ଓ ପିଲା ମାନେ କହିଛନ୍ତି । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

# ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା : ବମକୁରା ସୋସାଇଟିରେ ପହଂଚିଲେ ଅଧିକାରୀ

## ✦ ଅବହେଳା ପାଇଁ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ



ଧାମନଗର : ଧାମନଗର ଅଂଚଳର ବମକୁରା ସୋସାଇଟି ରେ ଗୁରୁବାର ଦିନ ଜଣେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ପରେ ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସେଠାରେ ବିଭିନ୍ନ ପ୍ରଶାସନିକ ଅଧିକାରୀ ପହଂଚି ସ୍ଥିତିର ସମୀକ୍ଷା କରିଛନ୍ତି । ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ, ଯୋଗାଣ ଇନ୍ସପେକ୍ଟର ସୁବ୍ରତ ଶତପଥୀ, ଧୂଷୁରୀ ଥାନା ଅଧିକାରୀ ଏବଂ ଧାମନଗର ଯୋଗାଣ ବିଭାଗ ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଂଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଏକ ନୂତନ ପି ପି ରାଇସ ମିଲ କୁ ଏହି ସୋସାଇଟି ସହ ଅଟାଚ୍ କରା ଯାଇଛି । ଯେଉଁ ଚାଷୀ ମାନଙ୍କର ଟୋକନ ଲାପ୍ସ ହୋଇଯାଇଥିଲା, ସେମାନଙ୍କ ନାମକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଯୋଡ଼ା ଯାଇଛି ଏବଂ ଏଥିପାଇଁ ଦୁଇ ହଜାର କ୍ୱିଂଟାଲର ଟାର୍ଗେଟ୍ ମଧ ଧାର୍ଯ୍ୟ କରାଯାଇଛି । ଅନ୍ୟପକ୍ଷରେ, ସୋସାଇଟିର କର୍ମଚାରୀ ମାନେ ଅନୁପସ୍ଥିତ ରହିବା ଏବଂ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଚାଷୀ ମାନେ ଅଭିଯୋଗ କରିଥିଲେ । ଏହାକୁ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ 'କାରଣ ଦର୍ଶାଅ' ନୋଟିସ୍ ଜାରି କରାଯାଇଛି । ଆଗକୁ ଯଦି କୌଣସି ଅନିୟମିତତା କିମ୍ବା ଭୁଲ୍ ଦେଖାଯାଏ, ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ପାରିବାରିକ କଳହରୁ ଭିଣୋଇ ଛୁରୀ ମାଡ଼ରେ ଶଳା ଗୁରୁତର

ସୋର : (ସପ୍ର)- ସୋର ଥାନା କିଆରପୁର ପାଣି ଟାଙ୍କି ନିକଟରେ ପାରିବାରିକ କଳହରୁ ଶଳାକୁ ଭିଣୋଇ ଏକ ଛୁରୀରେ ଗୋଡେଇ ଗୋଡେଇ ହାଣିଥିବା ଜଣାପଡିଛି । ସୂଚନା ଅନୁସାରେ କଟକ ବାଙ୍କୀ ଅଂଚଳର ବିଜୟ କୁମାର ସାହୁ ସୋର ବ୍ଲକ କେଦାରପୁର ପଂଚାୟତ ନୂଆପାଟଣା ଗ୍ରାମର ସଂଯୁକ୍ତା ଦଳେଇଙ୍କୁ ବିବାହ କରିଥିଲେ । ପରବର୍ତୀ ସମୟରେ ଶଳା ସଞ୍ଜୟ ଏବଂ ବିଜୟ ମଧ୍ୟରେ ବିବାଦ ଲାଗିଥିଲା ।ବିଜୟ ଶଶୁର ଘରକୁ ଆସିଥିବା ବେଳେ ଗତକାଲି ବିଜୟ ଏବଂ ସଂଯୁକ୍ତା କିଆରପୁର ସ୍ଥିତ ମାମୁ ଘରକୁ ଯାଇଥିଲେ । କିନ୍ତୁ ରାତିରେ ବିଜୟ କଟକ ଯାଉଛି ବୋଲି କହି ଘରୁ ପଳାଇ ଆସିଥିଲେ । ଆଜି ମଧ୍ୟାହ୍ନରେ ବିଜୟ ତାଙ୍କ ଶଳା ସଞ୍ଜୟ ଦଳେଇଙ୍କୁ ନିଜ ଭଉଣୀକୁ ସାଙ୍ଗରେ ନେଇଯିବାକୁ କହି କିଆରପୁର ଡାକିଥିଲେ । ସଞ୍ଜୟ କିଆରପୁର ଯାଉଥିବା ବେଳେ ପୂର୍ବରୁ ଧାରୁଆ ଛୁରୀ ଧରି ପ୍ରସ୍ତୁତ ହୋଇ ପାଣିଟାଙ୍କି ନିକଟରେ ବିଜୟ ଛିଡା ହୋଇଥିଲେ । ସଞ୍ଜୟ ପହଂଚିବା କ୍ଷଣି ବିଜୟ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଏଥିରେ ସଞ୍ଜୟ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତି କରିବା ସହିତ ବିଜୟକୁ ଅଟକ ରଖିଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଂଚି ବିଜୟ ଆଣି ଥାନାରେ ଅଟକ ରଖିଛି ।ସେପଟେ ସଞ୍ଜୟଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି । ଏ ବାବଦରେ ସଞ୍ଜୟଙ୍କ ମାଆ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# କୃଷି ଓ ସଶକ୍ତ କୃଷକ ବିଭାଗର ସଚେତନ ସଭା

ନୂଆପଡା :(ହି.ସ.)- ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ପ୍ରଶାସନ ପକ୍ଷରୁ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଦ୍ୱିତୀୟ ଦିବସରେ ପହଂଚିଛି । କୃଷି ଓ ସଶକ୍ତ କୃଷକ ବିଭାଗର ଉପଲବ୍ଧି ନେଇ ସଚେତନ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର୍ ଅଧ୍ୟକ୍ଷତା କରିଥିବା ବେଳେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦେଇ କୃଷି ଓ କୃଷକର ବିକାଶ ପାଇଁ ସରକାର ସଂକଳ୍ପ ବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ । ଅତ୍ୟାଧୁନିକ ଜୈବିକ ପ୍ରଣାଳୀ ଚାଷ କରିବା ଦ୍ୱାରା ଜମିର ଉର୍ବରତା ବଜାୟ ରହିବା ସହ ଅଧିକ ଉତ୍ପାଦନ ହେବ ବୋଲି ଆହ୍ୱାନ କରିଥିଲେ । ସଭାରେ ଜିଲା ପରିଷଦ ମାଲ୍ୟବନ୍ତ ସୁନା, ଆତ୍ମା ଅଧ୍ୟକ୍ଷ ନବୀନ ନାଏକ, ସାମାଜିକ କର୍ମୀ ଅଜିତ କିଶୋର ଚଲାନ, ତିଖାଲି ଜଳ ସେଚନ ପ୍ରକଳ୍ପ ପାଣି ପଂଚାୟତ ଅଧ୍ୟକ୍ଷ ସୁଶାନ୍ତ କୁମାର ବିଶି, ଢୁଆଝ ପେକ୍ସ ଅଧ୍ୟକ୍ଷ ଯୁବରାଜ ଜଗତ, ଯୁଧିଷ୍ଟିର ହଂସ ପ୍ରମୁଖ ଯୋଗ ଦେଇଥିଲେ । କୃଷି, ସମନ୍ୱୟ ଶିଶୁ ଓ ମହିଳା ବିକାଶ ଯୋଜନା, ଶିକ୍ଷା, ଖାଦ୍ୟ ଯୋଗାଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଲୁଥିବା ବିକାଶମୂଳକ କାର୍ଯ୍ୟ ଓ ବିଭିନ୍ନ ଜନକଲ୍ୟାଣକାରି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଏବଂ ସମ୍ପର୍କରେ ଉପସ୍ଥାପନା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ ।

# ସାର୍ବଜନୀନ ରାସ୍ତା ଉପରେ ସରକାରୀ ସୀମା ପାଚେରୀ ଉଚ୍ଛେଦ ପାଇଁ ଉଦଳା ସଚେତନ ନାଗରିକ ମଂଚର ଦାବି



ଉଦଳା : (ନି ପ୍ର) ଉଦଳା ସଚେତନ ନାଗରିକ ମହାମଂଚ ତରଫରୁ ଉଦଳାର ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କୁ ଏକ ଦାବିପତ୍ର ଗତକାଲି ପ୍ରଦାନ କରାଯାଇ ଅଛି । ଏହି ମଂଚର କାର୍ଯ୍ୟକାରୀଣି ବୈଠକ ରେ ଶତାଧିକ ସଦସ୍ୟ ଗୋଟିଏ ଅଭିଯୋଗ ଉଠାଇ ଥିଲେ ଯେ , ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖକୁ ଲାଗି ଯେଉଁ ପାଚେରୀ ତିଆରି ହୋଇ ଅଛି ତାହା ବହୁ ପୁରାତନ ସାର୍ବଜନୀନ ରାସ୍ତା ସର୍ବସାଧାରଣ ପାଇଁ ଥିଲା । ବର୍ତମାନ ସେହି ରାସ୍ତାକୁ ଅବରୋଧ କରି ଛୋଟ ରାସ୍ତା ଯୋଗୁଁ ଲୋକଙ୍କର ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାର ଅବରୋଧ ହଟାଇ ପୂର୍ବ ପରି ରାସ୍ତା ରଖାଯାଉ । ଏହି ସମସ୍ୟାକୁ ଆଖି ଆଗରେ ରଖି ମହାମଂଚ ତରଫରୁ ପାଚେରୀ ହଟାଇବା ପାଇଁ ଦାବି ହୋଇ ଅଛି । ବିଶେଷକରି ଏହି ରାସ୍ତାଟି ଏସ୍‌ବିଆଇ, ଆଇଟିଡିଏ କାର୍ଯ୍ୟାଳୟ, ଆର ଆଇ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ କାରୀ ସଂସ୍ଥାକୁ ସାଧାରଣ ଲୋକଙ୍କ ଯାତାୟାତ ଓ ପ୍ରବେଶ ଗୁରୁତର ଭାବେ ବାଧାପ୍ରାପ୍ତ ପ୍ରାପ୍ତ ହେଉଛି ବୋଲି- ଯୁକ୍ତି ବାଢ଼ିଛନ୍ତି । ଭୂଲେଖ ମାନଚିତ୍ର ଓ ଜମି ରେକର୍ଡ ଅନୁଯାୟୀ ପ୍ଲଟ୍ ପ୍ଲଟ୍ ନଂ ୧୧୪ ଓ ଖାତା ନଂ ୮୩ ଅନ୍ତର୍ଗତ ଉକ୍ତ ଜମି ର୍ବଜନୀନ ରାସ୍ତା ଭା ଭାବେ ରେକଡିଭୁକ୍ତ ହୋଇଥିବା ସତ୍ତ୍ୱେ, ସେହି ସ୍ଥାନରେ କେବଳ ପ୍ରାୟ ତିନି ଫୁଟ୍ ଚଉଡ଼ା ଏକ ସଂକୀର୍ଣ୍ଣ ରାସ୍ତା ଯାଇ ଯାତାୟାତକୁ ବିପଦସଙ୍କୁଳ କରାଯାଇ ତୁରନ୍ତ ଏହାକୁ ଭାଙ୍ଗି ସ୍ୱାଭାବିକ କରିବା ଉଚିତ ବୋଲି ଦାବି ରଖିଅଛି ମହାମଂଚ । ସରକାର ଏହି ରାସ୍ତାଟି କେବଳ ତିନିଫୁଟ ଓସାରର ରାସ୍ତା ତିଆରି କରି ଅଛନ୍ତି ତାହା ପୁଣି ଦୁଇ ପଟରେ ଉଚ୍ଚ ହମ୍ପସ ଯାହା ଯୋଗୁଁ ଛୋଟବଡ଼ ଦୁର୍ଘଟଣା ଘଟୁଥିବାରୁ ଦେଖିବାକୁ ମିଳୁ ଅଛି । ଏହି ଦାବି ପତ୍ର ପ୍ରଦାନ ବେଳେ ସଭାପତି ଅଜୟ କୁମାର ବେହେରା , ସାଧାରଣ ସମ୍ପାଦକ ଆରତ କୁମାର ପରିଡା ସାଂଗଠନିକ ସଂପାଦକ କୃଷି ଚୈତନ୍ୟ ସଦୁଆଳ , ଉପଦେଷ୍ଟା ଅଶୋକ କୁମାର ମହାନ୍ତି , ପ୍ରହଲ୍ଲାଦ ଦାସ , ଶୁଲୁମଣି ମଡ଼େଇ , ପୂର୍ଣଚନ୍ଦ୍ର ବିଶ୍ୱାଳ ,କୁନୁମୁନୁ ଓ ନଳିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦାବି ଉଦଳା ତହସିଲଦାରଙ୍କୁ ମଧ ଅବଗତ କରା ଯାଇ ଅଛି ।

# ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ସ୍ତରୀୟ ଆଲୋଚନା ଭିତିକ ଅଭ୍ୟାସ

ଖୋର୍ଦ୍ଧା : (ହି.ସ.) - ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ସଦର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଆଲୋଚନା ଭିତିକ ଅଭ୍ୟାସ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ସାଧାରଣ ପରିଚାଳିକା (ଯୋଜନା ଏବଂ ପ୍ରଶାସନ) ଡ଼ଃ ସରିତା ଜେନା, ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଖୋର୍ଦ୍ଧା ପୌର ପରିଷଦ, ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ଅତ୍ୟାବଶ୍ୟକ ସେବା ବିଭାଗ, ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ,ଶ୍ରୀ ପ୍ରଧାନ ବିଭିନ୍ନ ବିଭାଗର ପିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାନ୍ତି ବିପର୍ଯ୍ୟୟ ସମୟରେ ରିଲିଫ୍ ବାଂଟିବା,ରିଲିଫ୍ ଗାଡ଼ି ରାସ୍ତାରେ ଚାଲିବା, କିରୋସିନ ପେଟ୍ରୋଲ ବଂଟନ ଆଦି ବିଭିନ୍ନ ଖାଉଟି ସେବା ଦିଗରେ ପୋଲିସ ପ୍ରଶାସନ ର ଆଇନଶୃଙ୍ଖଳା ଅତି ଆବଶ୍ୟକ ବୋଲି ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ, ଭୁବନେଶ୍ୱର କହିଲେ ବିପର୍ଯ୍ୟୟ ପରିଚାଳନା ସମୟରେ ବିପଦ ସଙ୍କୁଳ ସ୍ଥାନରେ ଥିବା ଜନସାଧାରଣଙ୍କୁ ସ୍ଥାନାନ୍ତରଣ, ଗୃହ ପାଳିତ ଗାଇଗୋରୁ ପଶୁ ପକ୍ଷୀ କୁ ସୁରକ୍ଷା ଦେବା ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ସମନ୍ୱୟ ରକ୍ଷା କରି ଉତମ ସେବା ଯୋଗାଇ ଦେବା ଆମ ସମସ୍ତଙ୍କ କର୍ତବ୍ୟ ଓ ଦାୟିତ୍ୱ ନିଷ୍ଠାପର ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସାଧାରଣ ପରିଚାଳିକା , ଡ଼ଃ ସରିତା ଜେନା କେଉଁ ବିଭାଗର କି କି ଦାୟିତ୍ୱ ନିର୍ବାହ କରିବାର ଅଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବ୍ଲକ୍ ଉନ୍ନୟନ ଅଧିକାରୀ, ସିଦ୍ଧାର୍ଥ ପଟ୍ଟନାୟକ ଓ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା, କାବେରୀ ମୁଦୁଲି ନିଜ ନିଜ କାର୍ଯ୍ୟାଳୟର ପ୍ରସ୍ତୁତି ସଂପର୍କରେ ଆଲୋକ ପାତ କରିଥିଲେ । ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଟି ପି ସି ଓ ଡି ଏଲ, ଓଡ୍ରାଫ, ଏନଡ୍ରାଫ, ଜିଲ୍ଲା ବେସରକାରୀ ଯୋଗାଣ ଅଧିକାରୀ, ଅଗ୍ନିଶମ ସେବା, ଜିଲ୍ଲା ସ୍ୱାସ୍ଥ୍ୟ ସେବା, ଜିଲ୍ଲା ସମାଜ ମଙ୍ଗଳ ସେବା, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ୱାଟକୋ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, କୃଷି ଓ ଉଦ୍ୟାନ କୃଷି, ଜିଲ୍ଲା ପଶୁ ଚିକିତ୍ସା ସେବା, ଜଳସେଚନ, ପ୍ରାଚିଖଣ୍ଡ ଜଳ ସେଚନ, ଜଳ ନିଷ୍କାସନ, ଭାରତ ସଂଚାର ନିଗମ ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ସେବା ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରି ଶୂନ୍ୟ ମୃତ୍ୟୁ ହାର ଆଖି ଆଗରେ ରଖି ନିଷ୍ଠାପର ଭାବେ ସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ବଲାଙ୍ଗୀର ଠାରେ ଜିଲ୍ଲା ସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ

ବଲାଙ୍ଗୀର : (ହି.ସ.) – ଆସନ୍ନ ବାତ୍ୟା ଓ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲା ସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜିତ ହୋଇଥିଲା । ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍‌ଡମା)ର ସଂଯୁକ୍ତ ପ୍ରୟାସରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ, ବଲାଙ୍ଗୀର ଜିଲ୍ଲାପାଳ ଗୌରତ୍ୱ ଶିୱାଜୀ ଇସଲୱାରଙ୍କ ନିର୍ଦ୍ଦେଶକ୍ରମେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିଲା । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୃତ କୁମାର ପଣ୍ଡା, ଓଏସଡିଏମ୍‌ର ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରଭୁଦତ ପାଢ଼ୀ ମଂଚରେ ଉପସ୍ଥିତ ଥିଲେ । ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା । ଏକ କାଳ୍ପନିକ ବାତ୍ୟା କିମ୍ବା ବନ୍ୟା ପରିସ୍ଥିତିର ସିମ୍ୟୁଲେସନ୍ ସ୍କେନାରିଓ ସୃଷ୍ଟି କରାଯାଇ, ଜରୁରୀକାଳୀନ ସମୟରେ କିପରି ତୁରନ୍ତ ଓ ପ୍ରଭାବଶାଳୀ ପଦକ୍ଷେପ ନିଆଯିବ, ସେଥିପାଇଁ ବିସ୍ତୃତ ସମୀକ୍ଷା କରାଗଲା । 'ଶୂନ୍ୟ ମୃତାହତ' ଲକ୍ଷ୍ୟକୁ ଧ୍ୟାନରେ ରଖି, ଅଧ୍ୟକ୍ଷ ଶ୍ରୀ ତରଣୀ ସୁନା ସମସ୍ତ ବିଭାଗକୁ ସର୍ବୋଚ୍ଚ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇ, ରାଜ୍ୟ ସରକାରଙ୍କ 'ଶୂନ୍ୟ ମୃତାହତ' ନୀତିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଆହ୍ୱାନ କରିଥିଲେ । ଜିଲ୍ଲା ଓ ବ୍ଲକ୍ ସ୍ତରରେ ୨୪ଘଂଟ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି । ଜନସାଧାରଣଙ୍କ ସୁବିଧା ପାଇଁ ଜିଲ୍ଲା ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର୦୬୬୫୨-୨୩୦୯୬୯ ଓ ୯୪୩୮୭୭୬୩୯୪ ଜାରି କରାଯାଇଛି । ସମସ୍ତ ସିଏଚ୍‌ସି, ପିଏଚ୍‌ସି ଓ ଉପକେନ୍ଦ୍ରରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ଗଠନ କରାଯାଇ, ସାପ କାମୁଡ଼ା ଇଞ୍ଜେକ୍ସନ୍(ଏଏସ୍‌ଭି) ଓ ଓଆର୍‌ଏସ୍ ପର୍ଯ୍ୟାପ୍ତ ମାତ୍ରାରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ପ୍ରତି ବ୍ଲକରେ ଶୁଖିଲା ଖାଦ୍ୟ, କିରୋସିନ୍, ପଲିଥିନ୍ ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନଦୀ ଓ କେନାଲ୍ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ମରାମତି, ଡ୍ରେନେଜ୍ ବ୍ୟବସ୍ଥା ସଚଳ ରଖିବା ଓ ବର୍ଷାଜଳର ଅବାଧ ପ୍ରବାହ ସୁନିଶ୍ଚିତ କରିବା ପାଇଁ ଜଳସେଚନ, ପଂଚାୟତିରାଜ ଓ ସହରାଂଚଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି । ପଶୁ ସମ୍ପଦ ବିଭାଗକୁ ପଶୁ ଟୀକାକରଣ ଓ ଚିକିତ୍ସା ସେବା ପାଇଁ ସଜାଗ ରହିବାକୁ, କୃଷି ବିଭାଗକୁ ବନ୍ୟା ପରବର୍ତୀ କୃଷି ସହାୟତା ଯୋଜନା ପ୍ରସ୍ତୁତ କରିବା ସହିତ ବିହନ, ସାର ଓ କୀଟନାଶକର ଉପଲବ୍ଧତା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି । ବିପର୍ଯ୍ୟୟ ପରବର୍ତୀ ସମୟରେ ତୁରନ୍ତ ରାସ୍ତା ସଫା, ବିଦ୍ୟୁତ ଓ ଜଳ ଯୋଗାଣ ସ୍ୱାଭାବିକ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଦାୟିତ୍ୱ ବଂଟନ କରାଯାଇଛି । ଜିଲ୍ଲାବାସୀଙ୍କୁ ଗୁଜବରେ ବିଶ୍ୱାସ ନକରି, ପ୍ରଶାସନ ଦ୍ୱାରା ଜାରି ହେଉଥିବା ସୂଚନା ଓ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି । ଆଜିର ଏହି ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ବୈଠକରେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ, କ୍ଷୁଦ୍ର ଜଳସେଚନର ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ରନାଥ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ବୈଠକ ଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ



ସୋର : (ସପ୍ର)- ଅନନ୍ତପୁର ଥାନାରେ ଆହାରପୁର ଘୁଷୁରା ପୋଲ ନିକଟରେ ଗତକାଲି ବିଳମ୍ବିତ ରାତିରେ ଅଜଣା ଗାଡି ଧକାରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଯାଇଛି । ସୂଚନା ଅନୁସାରେ ବାସୁଦେବପୁର ଥାନା ଜଗନ୍ନାଥପୁର କଂଟାଗଡ଼ିଆ ଗ୍ରାମର ଶଶୀକାନ୍ତ ମଳିକ (୨୮) ବାଙ୍ଗାଲୋରରେ ରହି କାମ କରନ୍ତି । କିଛି ଦିନ ତଳେ ଶଶୀକାନ୍ତ ବାଙ୍ଗାଲୋରରୁ ଘରକୁ ଆସିଥିଲେ ।ଗତକାଲି ବିଳମ୍ବିତ ରାତିରେ ଶଶୀକାନ୍ତ ଟିକେଟ କାଟିବା ପାଇଁ ବାଇକ ଯୋଗେ ଭଦ୍ରକ ରେଳ ଷ୍ଟେସନକୁ ଯାଉଥିଲେ । କିନ୍ତୁ ଆହାରପୁର ଘୁଷୁରା ପୋଲ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକା ଦେଇ ଫେରାର ହୋଇଯାଇଥିଲା । ଫଳରେ ଶଶୀକାନ୍ତ ବାଇକ ସହ ୨୦ ଫୁଟ ପୋଲ ତଳକୁ ଖସି ପଡ଼ିଥିଲେ । ଆଜି ସକାଳେ ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ଅନନ୍ତପୁର ଥାନାକୁ ଖବର ଦେଇଥିଲେ । ଖବର ପାଇ ଅନନ୍ତପୁର ଥାନା ପୁଲିସ ସୋର ଅଗ୍ନିଶମ କର୍ମଚାରୀଙ୍କ ସହିତ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ପରେ ପୋଲ ତଳ ପାଣିରୁ ବାଇକ ସହ ଶଶୀକାନ୍ତକୁ ପାଣିରୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୧୪୩/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।





# ଜଳ ଶକ୍ତି: ବିକଶିତ ଭାରତ ଯାତ୍ରାରେ ଜଳ ସୁରକ୍ଷାର ନୂତନ ଅଧ୍ୟାୟ



ଶ୍ରୀ ସି. ଆର. ପାଟିଲ୍

ଆପଣ ଜାଣନ୍ତି କି, 'ଜଳ ଜୀବନ ମିଶନ' ହେଉଛି ବିଶ୍ୱର ସବୁଠାରୁ ବଡ଼ ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ କିମ୍ବା 'ସ୍ୱଚ୍ଛ ଭାରତ ମିଶନ' ହେଉଛି ସାରା ବିଶ୍ୱରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ପରିମଳ ଆନ୍ଦୋଳନ, ଯାହା ଏକ ଅଭୂତପୂର୍ବ ସ୍ତରରେ ଆଚରଣଗତ ପରିବର୍ତ୍ତନ ଆଣିପାରିଛି ? କିମ୍ବା 'ନମାମି ଗଙ୍ଗେ' ଆଜି ବିଶ୍ୱର ସବୁଠାରୁ ମହତ୍ୱାକାଂକ୍ଷୀ ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଅନ୍ୟତମ ? ଏହି ସମସ୍ତ ପ୍ରୟାସ କେବଳ ସରକାରୀ ଯୋଜନା ନୁହେଁ, ବରଂ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶ କିଭଳି ଭାବେ ନିଜର ଜଳ-ସୁରକ୍ଷିତ ଭବିଷ୍ୟତ ଗଢୁଛି, ଏହା ତାର ଏକ ନୂତନ ପରିକଳ୍ପନାକୁ ଦର୍ଶାଉଛି । ଇତିହାସକାରମାନେ ଯେତେବେଳେ ଭାରତର ବିକାଶ ଯାତ୍ରାକୁ ସମୀକ୍ଷା କରିବେ, ସେତେବେଳେ ସେମାନେ ନିଶ୍ଚିତ ଭାବରେ ବିଗତ ବାର ବର୍ଷକୁ ଏଭଳି ଏକ ସମୟ ଭାବେ ବର୍ଣ୍ଣନା କରିବେ ଯେଉଁଠି 'ଜଳ' ଜାତୀୟ ରୂପାନ୍ତରଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ମାନବୀୟ ମର୍ଯ୍ୟାଦା, ଅର୍ଥନୈତିକ ଅଭିବୃଦ୍ଧି, ଜନସ୍ୱାସ୍ଥ୍ୟ, କୃଷି ଏବଂ ପରିବେଶର ସ୍ଥିରତାକୁ ଜଳ ଭଳି ଅତି ଗଭୀର ଭାବରେ ପ୍ରଭାବିତ କରୁଥିବା କ୍ଷେତ୍ର ବହୁତ କମ୍ ରହିଛି । ଗତ ୧୨ ବର୍ଷ ମଧ୍ୟରେ ଜଳ କ୍ଷେତ୍ରରେ ନିବେଶ ଏବଂ କାର୍ଯ୍ୟାନ୍ୱୟନର ପରିମାଣ ଅତୁଳନୀୟ । ଏହି ପରିବର୍ତ୍ତନର ଗୁରୁତ୍ୱ କେବଳ ସଂଖ୍ୟାରେ ନାହିଁ । ଜଳକୁ ଏବେ ଏକ ସହଭାଗୀ ଜାତୀୟ ପ୍ରାଥମିକତା ଭାବରେ ଦେଖାଯାଉଛି, ଯାହା ବିଭାଗ, ରାଜ୍ୟ, ସମ୍ପ୍ରଦାୟ ଏବଂ ପିଢ଼ି ମଧ୍ୟରେ ରହିଛି । ପୂର୍ବରୁ, ଜଳ ସୁରକ୍ଷାକୁ ଏତେ ଗୁରୁତ୍ୱ ଦିଆଯାଉନଥିଲା, କିନ୍ତୁ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧୀନରେ, ଭାରତ ସରକାର ଜଳ କ୍ଷେତ୍ରରେ ଯୋଜନା, ପରିଚାଳନା ଏବଂ ବିତରଣରେ ଦୀର୍ଘକାଳୀନ ବ୍ୟବଧାନ ପୂରଣ କରିବାର ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ପରିବର୍ତ୍ତନର ସବୁଠାରୁ ପ୍ରମୁଖ ଉଦାହରଣ ହେଉଛି ଜଳ ଜୀବନ ମିଶନ । ଯେତେବେଳେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ସେତେବେଳେ କେବଳ ୩.୨୩ କୋଟି ଗ୍ରାମୀଣ ପରିବାର, ପ୍ରାୟ ୧୭ ପ୍ରତିଶତ ଗ୍ରାମୀଣ ଭାରତୀୟ ପରିବାର ପାଖରେ ଟ୍ୟାପ୍ ପାଣି ସଂଯୋଗ ଥିଲା । ଆଜି, ଗ୍ରାମୀଣ ଭାରତର ୮୧ ପ୍ରତିଶତରୁ ଅଧିକ କଭର କରୁଥିବା ୧୫.୮ କୋଟିରୁ ଅଧିକ ଗ୍ରାମୀଣ ପରିବାର ଘରେ ଟ୍ୟାପ୍ ପାଣି ପାଇପାରୁଛନ୍ତି, ଏବଂ ଆମେ ୨୦୨୮ ସୁଦ୍ଧା ୧୦୦ ପ୍ରତିଶତ କଭରେଜ୍ ହାସଲ କରିବା ଦିଗରେ ଅଗ୍ରସର ହେଉଛୁ । ଲକ୍ଷ ଲକ୍ଷ ପରିବାର, ବିଶେଷକରି ମହିଳା ଏବଂ ପିଲାମାନଙ୍କ ପାଇଁ, ଏହା କେବଳ ଏକ ଉପଯୋଗୀ ସେବା ନୁହେଁ; ଏହା ସେମାନଙ୍କ ଜୀବନ ଶୈଳୀରେ ଏକ ପରିବର୍ତ୍ତନ । ଅଧ୍ୟୟନରୁ ଜଣାପଡ଼ିଛି ଯେ, ପୂର୍ବରୁ ଭାରତର ଗ୍ରାମୀଣ ମହିଳାମାନେ ପାଣି ଆଣିବା ପାଇଁ ପ୍ରତିବର୍ଷ କୋଟି କୋଟି ଘ[। ସମୟ ବିତାଉଥିଲେ । ଘରୋଇ ଟ୍ୟାପ୍ ଜଳ ଯୋଗାଣର ସମ୍ପ୍ରସାରଣ ଫଳରେ ଏବେ ଦୈନିକ ୫.୫ କୋଟିରୁ ଅଧିକ ମାନବ-ଘଂଟା ସଂଚୟ ହୋଇପାରୁଛି । ଦିନେ ଯେଉଁ ସମୟ କଠିନ ପରିଶ୍ରମ ଓ କଷ୍ଟରେ ନଷ୍ଟ ହେଉଥିଲା, ତାହା ଏବେ ଶିକ୍ଷା, ଜୀବିକା, ପିଲାମାନଙ୍କ ଯତ୍ନ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ବିନିଯୋଗ ହେଉଛି । ଏହା ସହିତ, ପ୍ରତିଟି ପରିବାରରେ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା ଜଳବାହିତ ରୋଗ ଯୋଗୁଁ ସ୍ୱାସ୍ଥ୍ୟ ବାବଦରେ ହେଉଥିବା ପକେଟ୍-ଖର୍ଚ୍ଚକୁ ମଧ୍ୟ ହ୍ରାସ କରିଛି । ସ୍ୱଚ୍ଛ ଭାରତ ମିଶନ ମଧ୍ୟ ସମାନ ଭାବରେ ପରିବର୍ତ୍ତନକାରୀ । ଭାରତର ପରିମଳ ଆନ୍ଦୋଳନ ଦର୍ଶାଇଛି ଯେ ଆଚରଣଗତ ପରିବର୍ତ୍ତନ, ଜନ ଅଂଶଗ୍ରହଣ ଏବଂ ରାଜନୈତିକ ପ୍ରତିବଦ୍ଧତା ଏକତ୍ର ପରିମାଣରେ କାମ କରିପାରିବ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ୱାସ୍ଥ୍ୟ ଲାଭର ମୂଲ୍ୟାଙ୍କନ ଅନୁଯାୟୀ, ଏସବିଏମ୍-ଗ୍ରାମୀଣ ୨୦୧୪ ରୁ ଅକ୍ଟୋବର ୨୦୧୯ ମଧ୍ୟରେ ୩ ଲକ୍ଷରୁ ଅଧିକ ଡାଇରିଆ ମୃତ୍ୟୁକୁ ଏଡାଇ ପାରିଛି ବୋଲି ଆକଳନ କରାଯାଇଛି । ଘରୋଇ ଶୌଚାଳୟ ନିର୍ମାଣ ଲକ୍ଷ ଲକ୍ଷ ଗ୍ରାମୀଣ ମହିଳାଙ୍କ ପାଇଁ ସମ୍ମାନ, ଗୋପନୀୟତା ଏବଂ ସୁରକ୍ଷା ଆଣିଛି, ପରିମଳକୁ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ ମର୍ଯ୍ୟାଦା ପାଇଁ ଏକ ଆନ୍ଦୋଳନରେ ପରିଣତ କରିଛି । ଗ୍ରାମଗୁଡ଼ିକୁ ଖୋଲା ମଳତ୍ୟାଗ ମୁକ୍ତ କରିବା ବ୍ୟତୀତ, ଦେଶ ଏବେ ଏସବିଏମ୍-ଗ୍ରାମୀଣ ୨.୦ ଅଧୀନରେ ସ୍ଥାୟୀ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଆଡ଼କୁ ଅଗ୍ରସର ହୋଇଛି । ଭାରତ ବିଶ୍ୱର ଯେକୌଣସି ସ୍ଥାନରେ ସର୍ବବୃହତ ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ରିଚାର୍ଜ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି । ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ୬ ସେପଟ୍ମେର ୨୦୨୪ରେ ସୁରଟରୁ ଆରମ୍ଭ ହୋଇଥିବା 'ଜଳ ସଂଚୟ ଜନ ଭାଗୀଦାରୀ' ପଦକ୍ଷେପ ଅଧୀନରେ, ୩୧ ମଇ ୨୦୨୬ ସୁଦ୍ଧା ଦେଶବ୍ୟାପୀ ୧.୫୫ କୋଟିରୁ ଅଧିକ ବର୍ଷାଜଳ ଅମଳ ଏବଂ ଭୂତଳ ଜଳ ରିଚାର୍ଜ ଢାଂ। ସୃଷ୍ଟି କରାଯାଇଛି । ଏହା ଜଳ ସଂରକ୍ଷଣରେ ସାମୂହିକ କାର୍ଯ୍ୟ ଏବଂ ସାମୁହିକ ଅଂଶଗ୍ରହଣର ଶକ୍ତିକୁ ପ୍ରଦର୍ଶନ କରେ । ଏହି ପ୍ରୟାସଗୁଡ଼ିକର ପ୍ରଭାବ ଭୂତଳ ଜଳ କ୍ଷେତ୍ରରେ ମଧ୍ୟ କ୍ରମଶଃ ଦୃଶ୍ୟମାନ ହେଉଛି । ସାମ୍ପ୍ରତିକ ମୂଲ୍ୟାଙ୍କନଗୁଡ଼ିକ ଭୂତଳ ଜଳ ସ୍ତରରେ ଉନ୍ନତି ଏବଂ ଦେଶର ଅନେକ ସ୍ଥାନରେ ଅତ୍ୟଧିକ ଶୋଷିତ ମୂଲ୍ୟାଙ୍କନ ୟୁନିଟ୍ ସଂଖ୍ୟାରେ ହ୍ରାସକୁ ସୂଚିତ କରେ । ଏହା ମଧ୍ୟ ଦର୍ଶାଏ ଯେ ସାମୁହିକ ଅଂଶଗ୍ରହଣ ସହିତ ମିଳିତ ଭାବରେ ସ୍ଥାୟୀ ସଂରକ୍ଷଣ ପ୍ରୟାସ ପରିବେଶଗତ ଚାପକୁ ଦୂର କରିପାରିବ । ଏହା ସହିତ, ଭାରତ ଦୀର୍ଘ ସମୟ ଧରି ପଡ଼ି ରହିଥିବା ଜାତୀୟ ଜଳ ପ୍ରକଳ୍ପଗୁଡ଼ିକୁ ଆଗେଇ ନେଇଛି । କେନ୍-ବେତଓ୍ୱା ନଦୀ ସଂଯୋଗୀକରଣ ପ୍ରକଳ୍ପ, ବୁନ୍ଦେଲଖଣ୍ଡର ଶୁଷ୍କ ଅଂଚଳକୁ ଜଳ ଆଣିବା ପାଇଁ ଦେଶର ପ୍ରଥମ ପ୍ରମୁଖ ନଦୀ ସଂଯୋଗୀକରଣ ପଦକ୍ଷେପ, ଦ୍ରୁତ ଗତିରେ ଆଗକୁ ବଢୁଛି । ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପଦକ୍ଷେପ ଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ, ନମାମି ଗଙ୍ଗେ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଛି ଯେ ପରିବେଶ ପୁନରୁଦ୍ଧାର ଏବଂ ବିକାଶ ଏକତ୍ର ଆଗକୁ ବଢ଼ିପାରିବ । ଗତ ଦଶନ୍ଧି ମଧ୍ୟରେ, ଆମେ ୪୨୬୦ ଏମଏଲଡି ସ୍ୱେରେଜ୍ ଟ୍ରିଟମେସଟ କ୍ଷମତା ସୃଷ୍ଟି କରିଛୁ । ଅତିରିକ୍ତ ପ୍ରଦୂଷଣକାରୀ ଶିଳ୍ପରୁ ବିଓଡି ଲୋଡକୁ ୨୦୧୭ ରେ ୨୬ ଟିପିଡି ରୁ ୨୦୨୪ ରେ ଏହାକୁ ୧୦.୭୫କୁ ହ୍ରାସ କରିଛୁ । ବର୍ଜ୍ୟ ନିର୍ଗମନକୁ ୩୪୯ ଏମଏଲଡି ରୁ ୨୬୫.୫୬ ଏମଏଲଡି କୁ ହ୍ରାସ କରାଯାଇଛି । ଆଜି, ଅନୁଧ୍ୟାନ ଦର୍ଶାଉଛି ଯେ ଗଙ୍ଗାରେ ପିଏଚ୍ ଏବଂ ଦ୍ରବୀଭୂତ ଅମ୍ଳଜାନ ସ୍ତର ସମସ୍ତ ନିରୀକ୍ଷଣ ସ୍ଥାନରେ ସ୍ନାନ ମାନଦଣ୍ଡ ପୂରଣ କରେ । ଏହା ବ୍ୟତୀତ, ଏକ ଦେଶବ୍ୟାପୀ ମୂଲ୍ୟାଙ୍କନ ଅନୁସାରେ ଗଙ୍ଗା ଡଲଫିନର ସଂଖ୍ୟା ପ୍ରାୟ ୬୩୨୪ ଥିଲା, ଯାହା ନଦୀର ଉନ୍ନତ ପରିବେଶଗତ ସ୍ୱାସ୍ଥ୍ୟକୁ ପ୍ରତିଫଳିତ କରୁଛି । ଏହି ବର୍ଷଗୁଡ଼ିକରେ ଭାରତର ଜଳ ଯାତ୍ରା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଶିକ୍ଷା ପ୍ରଦାନ କରେ । ଏକବିଂଶ ଶତାବ୍ଦୀରେ ଜଳ ଆହ୍ୱାନକୁ ପୃଥକ ହସ୍ତକ୍ଷେପ ମାଧ୍ୟମରେ ସମାଧାନ କରାଯାଇପାରିବ ନାହିଁ । ପାନୀୟ ଜଳ, ପରିମଳ, ନଦୀ ସଂରକ୍ଷଣ, ଜଳସେଚନ ଦକ୍ଷତା, ଭୂତଳ ଜଳ ରିଚାର୍ଜ, ବର୍ଜ୍ୟଜଳ ପୁନଃବ୍ୟବହାର ଏବଂ ଜଳବାୟୁ ସ୍ଥିରତାକୁ ଏକ ସଂଯୁକ୍ତ ଇକୋସିଷ୍ଟମର ଅଂଶ ଭାବରେ ଦେଖିବା ଉଚିତ । ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ଏହି ସମନ୍ୱିତ ପଦ୍ଧତି ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ, ଯାହା ବିଶ୍ୱବ୍ୟାପୀ ଜଳ ସମ୍ପଦ ଉପରେ ବିଦ୍ୟମାନ ଚାପକୁ ବୃଦ୍ଧି କରୁଛି । ଭାରତ ପାଇଁ, ଏହି ଆହ୍ୱାନ ଅନନ୍ୟ । ଦେଶ ବିଶ୍ୱର ପ୍ରାୟ ୧୮ ପ୍ରତିଶତ ଜନସଂଖ୍ୟାର ଘର, କିନ୍ତୁ ବିଶ୍ୱବ୍ୟାପୀ ମଧୁର ଜଳ ସମ୍ପଦର ମାତ୍ର ୪ ପ୍ରତିଶତ ଏହା ନିକଟରେ ରହିଛି । ଦ୍ରୁତ ସହରୀକରଣ, ଶିଳ୍ପ ଅଭିବୃଦ୍ଧି ଏବଂ ପରିବର୍ତ୍ତିତ ପାଣିପାଗ ଢାଂ। ଆଗାମୀ ଦଶନ୍ଧିଗୁଡ଼ିକରେ ଏହି ସମ୍ପଦଗୁଡ଼ିକ ଉପରେ ବର୍ଦ୍ଧିତ ଚାପ ପକାଇବ । ତେଣୁ, ଆଜିର ନିବେଶ କେବଳ ବିକାଶମୂଳକ ଖର୍ଚ୍ଚ ନୁହେଁ; ଏହା ଜାତୀୟ ସ୍ଥିରତାରେ ଦୀର୍ଘକାଳୀନ ନିବେଶ । ଗତ ଦଶନ୍ଧିରେ ହାସଲ ହୋଇଥିବା ପ୍ରଗତି ଦର୍ଶାଏ ଯେ ନିଃସ୍ୱାର୍ଥପର ନେତୃତ୍ୱ, ଉତ୍ତମ ଶାସନ ଏବଂ ସକ୍ରିୟ ଜନସାଧାରଣ ଅଂଶଗ୍ରହଣ ଏକ ସହଭାଗୀ ଜାତୀୟ ଦୃଷ୍ଟିକୋଣ ଅନୁସରଣରେ ଏକାଠି ହେଲେ ଅପାର ସମ୍ଭାବନା ଉନ୍ମୁକ୍ତ ହୋଇଥାଏ । ଯେତେବେଳେ ଭାରତ ଆଗକୁ ବଢ଼ିଥାଏ, ଜଳ ଆମର ବିକାଶମୂଳକ ଆକାଂକ୍ଷାର କେନ୍ଦ୍ରବିନ୍ଦୁ ହୋଇ ରହିଥାଏ । ଜଳ-ସୁରକ୍ଷିତ ଭାରତ କେବଳ ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରିବା ବିଷୟରେ ନୁହେଁ । ଏହା ମହିଳାମାନଙ୍କ ପାଇଁ ସମ୍ମାନ, ପରିବାର ପାଇଁ ଉତମ ସ୍ୱାସ୍ଥ୍ୟ, କୃଷକମାନଙ୍କ ପାଇଁ ଉତ୍ପାଦକତା, ସହରମାନଙ୍କ ପାଇଁ ସ୍ଥାୟୀତ୍ୱ ଏବଂ ଭବିଷ୍ୟତ ପିଢ଼ି ପାଇଁ ପରିବେଶଗତ ସନ୍ତୁଳନତା ସୁନିଶ୍ଚିତ କରେ । ଗତ ବାର ବର୍ଷ ମଧ୍ୟରେ ଭାରତର ଜଳ କ୍ଷେତ୍ରର ଉଲ୍ଲେଖନୀୟ ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପ୍ରମାଣ ସ୍ୱରୂପ, ଯାହାଙ୍କ ପ୍ରତିବଦ୍ଧତା ଜଳକୁ ଏକ ବିକାଶମୂଳକ ଆହ୍ୱାନରୁ ରାଷ୍ଟ୍ର ନିର୍ମାଣ ଏବଂ ବିକଶିତ ଭାରତର ଏକ ଶକ୍ତିଶାଳୀ ଉପକରଣରେ ପରିଣତ କରିଛି । ଆଗକୁ ବଢ଼ିବା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ । ପ୍ରଯୁକ୍ତିବିଦ୍ୟା, ତଥ୍ୟ ଏବଂ ନବସୃଜନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଚାଲିଛି । ଆମେ ବିଭିନ୍ନ କ୍ଷେତ୍ରରେ ଜଳ-ବ୍ୟବହାର ଦକ୍ଷତା ଉନ୍ନତ କରିବା, ପୁନଃବ୍ୟବହାର ଏବଂ ପୁନଃଚକ୍ରଣକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ ଜଳ ପରିଚାଳନାକୁ ସୁଦୃଢ଼ କରିବା ଏବଂ ନାଗରିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ପ୍ରୟାସ କରୁଛୁ ।

*(ଲେଖକ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ)*

# କାମତା ଷ୍ଟାଡିୟମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ





ବୋରିଗୁମ୍ମା(ନିପ୍ର): ବୋରିଗୁମ୍ମା ବ୍ଲକ କାମତା ଗ୍ରାମର ଷ୍ଟାଡିୟମରେ ଠାରେ ମାଁ ମାଣିକେଶ୍ୱରୀ ସ୍ପୋର୍ଟସ୍ ଏବଂ କଲଚୁରାଲ ୟୁଥ କ୍ଲବ ତରଫରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) କୋରାପୁଟ ଜିଲ୍ଲା ଶାଖା ସଭାପତି ରବି ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଏସଜେୟୁ ର ସଭାପତି ତରୁଣ କୁମାର ମହାପାତ୍ର ଯୋଗ ଦେଇଥିଲେ ।ୟୁଥ କ୍ଲବ ର ସଭାପତି ପଦ୍ମନାଭ ଶତପଥୀ ସଭାପତିତ୍ୱ କରିଥିଲେ ।ନୂତନ ଭାବେ ନିର୍ମାଣ ହେଉଥିବା କାମତା ଷ୍ଟାଡିୟମରେ ଠାରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଯଥା ଅଁଳା,କରଞ୍ଜ,ଆମ୍ବ ଗଛ ଷ୍ଟାଡିୟମ ର ପାଚେରୀ ପାର୍ଶ୍ୱରେ ରୋପଣ ଙ୍କ କରାଯାଇଥିଲା । ଗଛ ହିଁ ଜୀବନ, ଆସନ୍ତୁ ସମସ୍ତେ ମିଳିମିଶି ବୃକ୍ଷ ରୋପଣ କରିବା ସହ ତାର ଯତ୍ନ ନେବା ବୋଲି ଓଜେୟୁ କୋରାପୁଟ ଜିଲ୍ଲା ସଭାପତି ରବି ନାୟକ କହିଥିଲେ ।ଏଥିସହ ନିର୍ମାଣ ଚାଲୁଥିବା ଷ୍ଟାଡିୟମ କୁ କିପରି ଭାବେ ପୂର୍ଣ୍ଣାଙ୍ଗ ରୂପ ମିଳିବ, ସେ ନେଇ ସମସ୍ତ ସହଯୋଗ କାମନା କରିବା ସହ କାମତା ଗ୍ରାମର ଯୁବକ ମାନଙ୍କର ଏକତା କୁ ନେଇ ବେଶ ପ୍ରଶଂସା କରିଥିଲେ ।କୋରାପୁଟ ଜିଲ୍ଲାରେ କାମତା ଷ୍ଟାଡିୟମ ଅନନ୍ୟ ବୋଲି ଶ୍ରୀ ନାୟକ କହିଥିଲେ ।ସମ୍ମାନିତ ଅତିଥି ଭାବେ ଓଜେୟୁ କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ ରବି ଶଙ୍କର ମହାପାତ୍ର,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଉପଦେଷ୍ଟା କେ.ସାକିଲି ଦୋରା, କୋଷାଧ୍ୟକ୍ଷ ସୁଶୀଳ ଷଡଙ୍ଗୀ, ଉପଦେଷ୍ଟା ଦୟାନିଧି ପଟ୍ଟନାୟକ, ଉପ ସଭାପତି ସୁଜିତ କୁମାର ପଣ୍ଡା, ସୁଶାନ୍ତ ପଣ୍ଡା,ଟୁଟୁ ପଟ୍ଟନାୟକ, ବାପି ହୋତା ଯୋଗ ଦେଇଥିଲେ । ବିଜେପି ନେତା ଭାସ୍କର ଭଟ୍ଟ ନିଜ ଅଭିଭାଷଣ ରେ କହିଥିଲେ ଯେ କାମତା ଷ୍ଟାଡିୟମ ନିମନ୍ତେ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ର ମନ୍ତ୍ରୀ ଙ୍କ ସହ ଯୋଗାଯୋଗ କରି ପାଣ୍ଠି ଆଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କାମତା ୟୁଥ କ୍ଲବ ସଭାପତି ପଦ୍ମନାଭ ଶତପଥୀ ଙ୍କ ସମେତ ଉପ ସଭାପତି ସନ୍ତୋଷ କୁମାର ଶତପଥୀ, ଆଶିଷ କୁମାର ହୋତା,ସାଧାରଣ ସମ୍ପାଦକ ମୁକୁନ୍ଦ ମୁରାରୀ ମିଶ୍ର, ଯୁଗ୍ମ ସମ୍ପାଦକ ରିପୁନ ହୋତା, ରୋହନ ଷଡଙ୍ଗୀ, କୋଷାଧ୍ୟକ୍ଷ ହରିଶଙ୍କର ଶତପଥୀ ସମେତ ୟୁଥ କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ ।

# ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ବାଲିଆପାଳ(ନିପ୍ର): ଜୁନ ୨୧ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ ବେସରକାରୀ ଅନୁଷ୍ଠାନ ସହିତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ପକ୍ଷରୁ ଶନିବାର ପୂର୍ବାହ୍ନରେ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସରକାରୀ ସ୍ତରରେ ବ୍ଲକ ପରିସରରେ ବହୁ ବ୍ୟକ୍ତିଙ୍କ ଯୋଗଦାନରେ ବିଡ଼ିଓ ରାଧାରଞ୍ଜନ ଦାସଙ୍କ ପରିଚାଳନାରେ ପ୍ରଭାବି ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଯୋଗଗୁରୁ ଜଗନ୍ନାଥ ଦେ ଓ ତାଙ୍କ ସହଯୋଗୀ ବିଜୟ କୁମାର ସାହୁ ଉପସ୍ଥିତ ବ୍ୟକ୍ତି ମାନଙ୍କୁ ସୁସ୍ଥ ଓ ନିରୋଗ ରହିବା ପାଇଁ ଯୋଗର ଉପାଦେୟତା ଉପରେ ସଚେତନତା କରିବା ସହିତ ଯୋଗ ଅଭ୍ୟାସ କରାଇ ଥିଲେ । ଏହି ଯୋଗ ଶିବିରରେ ବିଡ଼ିଓ ରାଧାରଞ୍ଜନ ଦାସ,ଏବିଡ଼ିଓ ଶରତ କୁମାର ମୁଦୁଲି, ବିଜେପି ନେତା ରବିନ୍ଦ୍ର ଅଣ୍ଡିଆ, ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,ବିରମାଧବ ଦାସ ଶ୍ରୀହରି ମଣ୍ଡଳ ପ୍ରମୁଖ ଯୋଗଦେଇ ଆଜିର ଦିବଶକୁ ସର୍ବ ବ୍ୟାପି କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଜୀଙ୍କ ପ୍ରୟାସରେ ସରକାରୀ ସ୍ତରରେ ସବୁଠି ଯୋଗ ଦିବସ ପାଳନ କରାଯାଉଛି । ୨୦୧୫ ମସିହା ଜୁନ ୨୧ ତାରିଖରେ ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଯୋଗକୁ ଅନ୍ତର୍ଜାତୀୟ ସ୍ତରରେ ପହଂଚାଇବା ପାଇଁ ଦେଶରେ ଯୋଗ ଦିବସ ପାଳନ କରିବା ପାଇଁ ପ୍ରୟାଶ କରିଥିଲେ ।ଏବଂ ସବୁ ବର୍ଷ ଏହି ଦିବସକୁ ସବୁଠି ପାଳନ କରାଯାଉ ଥିବା କଥା ବକ୍ତାମାନେ କହିଥିଲେ । ସୁବର୍ଣ୍ଣରେଖା ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ପରିଚାଳନାରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା ।ସେହିପରି ହାସିମପୁର ହାଇସ୍କୁଲ, ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ବିଭିନ୍ନ ବିଦ୍ୟାଳୟ ଓ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ମାନଙ୍କରେ ମଧ୍ୟ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଯାଇଛି । ବାଘାଯତୀନ ସ୍ମୃତି ପରିଷଦ ଓ ପତଞ୍ଜଳି ଯୋଗ ସମିତି ପକ୍ଷରୁ ସଭାପତି ଅରବିନ୍ଦ ବେହେରାଙ୍କ ପରିଚାଳନା ରେ ବାଲିଆପାଳ ପୂର୍ତବିଭାଗ ଡାକବଙ୍ଗଳା ପରିସରରେ ଯୋଗ ଦିବସ ପାଳନ କରାଯାଇଥିଲା ।

# ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଲକ୍ଷ୍ମୀପୁର ବିଧାୟକଙ୍କ ଡ୍ରାଇଭର ଗିରଫ

ରାୟଗଡ(ନିପ୍ର): ନାବାଳିକାକୁ ଅସଦାଚରଣ ଘଟଣାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଙ୍କ ଡ୍ରାଇଭର ବିକାଶ ବାଗ ଗିରଫ୍ । ଏନେଇ ସୂଚନା ଦେଇଛନ୍ତି ରାୟଗଡା ଜିଆରପି ଥାନା ଅଧିକାରୀ ବିନୟ କୁମାର ମିଞ୍ଜ୍ । ଆରପିଏଫ୍ ର ଗୁଇନ୍ଦା ବିଭାଗର ଜଣେ କର୍ମଚାରୀଙ୍କ ପରିବାର ଲୋକେ ହିରାଖଣ୍ଡ ଟ୍ରେନ୍ ରେ ଯାତ୍ରା କରୁଥିବା ବେଳେ ବିଧାୟକଙ୍କ ଡ୍ରାଇଭର ନାବାଳିକାକୁ ଅସଦାଚରଣ କରିଥିଲେ । ନାବାଳିକଙ୍କ ମାଁ ତାଙ୍କୁ ବିରୋଧ କରିବାରୁ ତାଙ୍କ ସହ ବିକାଶ ପାଟିତୁଣ୍ଡ କରିଥିଲେ । ଉକ୍ତ ସମୟରେ ତାଙ୍କ ସହ ବିଧାୟକଙ୍କ ପିଏସ୍ଓ ମଧ୍ୟ ରହିଥିବା ବେଳେ ଟ୍ରେନ୍ ର ଅନ୍ୟ ଏକ ବଗିରେ ଖୋଦ୍ ବିଧାୟକ ଯାତ୍ରା କରୁଥିବା ଜଣାପଡିଥିଲା । ତେବେ ଏନେଇ ଆଜି ନାବାଳିକାଙ୍କ ବାପା ଜିଆରପି ଥାନାରେ ଏକ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଉକ୍ତ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରିଥିଲା । ତେବେ ଏ ନେଇ ଥାନାରେ ପକ୍ସୋ ଆଇନ୍ ୨୯୬, ୭୫ ଓ ଭାରତୀୟ ନ୍ୟାୟ ସଂହିତାର ଧାରା ୭୯ରେ ଏକ ମାମଲା ରୁଜୁ ହେବା ପରେ ଅଭିଯୁକ୍ତକୁ ଡାକ୍ତରୀମାଇନା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜିଆରପି ଥାନା ଅଧିକାରୀ ବିନୟ ମିଞ୍ଜ କହିଛନ୍ତି ।

# ରାଇ ଫାଉଣ୍ଡେସନ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଭୁବନେଶ୍ୱର: ରାଇ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଏକ ଆଭାସୀ ପାଠଚକ୍ର 'ଯୋଗ ବିୟଣ୍ଡ ଦ ମ୍ୟାଟ' ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଅତିଥି ବକ୍ତା ଭାବରେ ଟିସିଏସ୍ ଯୋଗ କାଉନସିଲର ଡେଲିଭରି ମୁଖ୍ୟ ଡ. ଫଣୀନ୍ଦ୍ର କୁମାର ଓ ଆତ୍ମଜ୍ଞାନ ଯୋଗ ସଂସ୍ଥାର ପ୍ରତିଷ୍ଠାତ୍ରୀ ଡ. ମାଳତୀ ବିବେକ ଯଥାକ୍ରମେ ବେଙ୍ଗାଲୁରୁ ଓ ହାଇଦ୍ରାବାଦରୁ ଯୋଗ ଦେଇ ଯୋଗର ଉପକାରିତା ସଂପର୍କରେ ଯୋଗ ଡେମୋନଷ୍ଟ୍ରେସନ ସହ ସୁବିସ୍ତୃତ ବର୍ଣ୍ଣନା କରିଥିଲେ । ରାଇ ପ୍ରତିଷ୍ଠାତା ଓ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ତଥା ଜଣାଶୁଣା ଅର୍ଥନୀତିଜ୍ଞ କବି ଡ. ରମଣ ଅଗ୍ରୱାଲ ଏ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ । ସଭାପତିତ୍ୱ ଅଭିଭାଷଣରେ ଡ. ରମଣ ଅଗ୍ରୱାଲା କହିଲେ ଯେ ଯୋଗ ମ୍ୟାଟ୍ ଉପରେ ଆରମ୍ଭ ହୋଇପାରେ, କିନ୍ତୁ ଏହା ସେତେବେଳେ ସାର୍ଥକ ହୁଏ ଯେତେବେଳେ ଏହା ଆପଣଙ୍କ ଜୀବନ ଜିଇଁବାର ଏକ ଶୈଳୀ ପାଲଟିଯାଏ । ବକ୍ତାମାନେ ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ପାଇଁ ବିଭିନ୍ନ ବୟସ ଗ୍ରୁପ୍ ?ର ଲୋକଙ୍କ ପାଇଁ ଯୋଗ ଅଭ୍ୟାସ ସମ୍ପର୍କରେ ନିର୍ଦ୍ଦିଷ୍ଟ ମାର୍ଗଦର୍ଶନ ପ୍ରଦାନ କରିଥିଲେ ଏବଂ ବୁଝାଇଥିଲେ ଯେ ସୁସ୍ଥ ବାର୍ଦ୍ଧକ୍ୟ କୌଣସି ବୃଦ୍ଧ ବୟସରୁ ଆରମ୍ଭ ହୁଏ ନାହିଁ, ବରଂ ଏହା ଯୁବକ ବୟସରୁ ନିଜର ଯତ୍ନ ନେବା ଦ୍ୱାରା ହିଁ ଆରମ୍ଭ ହୋଇଥାଏ । ଡ. ଫଣୀନ୍ଦ୍ର ଅଫିସ୍ କିମ୍ବା ଘରେ ଦିନସାରା ତୁରନ୍ତ ଆରାମ ଏବଂ ଶକ୍ତି ପରିଚାଳନା ପାଇଁ କିଛି ଭଲ ଚେୟାର୍ ପୋଜ୍ (ଚେୟାରରେ ବସି କରିବା ଭଳି ଆସନ) ପ୍ରଦର୍ଶନ କରିଥିଲେ । ବରିଷ୍ଠ ନାଗରିକମାନଙ୍କୁ ଦିନସାରା ଶକ୍ତିଶାଳୀ ରହିବା ପାଇଁ ଦୈନିକ ୨୦ ମିନିଟର ସରଳ ଷ୍ଟ୍ରେଚିଂ କରିବାକୁ ପରାମର୍ଶ ଦିଆଯାଇଥିଲା, ଯେଉଁଥିରେ ହାଡକୁ ସୁସ୍ଥ ରଖିବା ପାଇଁ ଦୈନିକ ତେଲ ମାଲିସର ଉପକାରିତା ମଧ୍ୟ ଅନ୍ତର୍ଭୁକ୍ତ ଥିଲା ।ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ଡାକ୍ତର ମାଳତୀ ବୁଝାଇଥିଲେ ଯେ, ଝିଅମାନଙ୍କ ଦ୍ୱାରା ଅଳ୍ପ ବୟସରୁ ଆରମ୍ଭ ହୋଇଥିବା ଯୋଗ ଅଭ୍ୟାସ ଉତମ ପ୍ରଜନନ ସ୍ୱାସ୍ଥ୍ୟ ନିଶ୍ଚିତ କରିଥାଏ । ଆପଣଙ୍କର ଶାରୀରିକ, ମାନସିକ ଏବଂ ଆବେଗିକ ଶରୀରକୁ ସନ୍ତୁଳିତ କରିବା ପାଇଁ ରିଷ୍ଟୋରେଟିଭ୍ ଯୋଗ (ଆରାମଦାୟକ ଯୋଗ) ଏବଂ ପ୍ରାଣାୟାମ ଅଭ୍ୟାସ ଜରୁରୀ ଅଟେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ, ତେବେ ଯୋଗକୁ କ୍ୟାପସୁଲ୍ ଆକାରରେ ଅଭ୍ୟାସ କରନ୍ତୁ, ଯେପରିକି ସକାଳେ ଆସନ, ମଧ୍ୟାହ୍ନ ପୂର୍ବରୁ ଆରାମ ଏବଂ ସନ୍ଧ୍ୟାରେ ପ୍ରାଣାୟାମ । ଏହି ସେମିନାର୍ ଅଂଶଗ୍ରହଣକାରୀ ମାନଙ୍କୁ କିଛି ସରଳ କିନ୍ତୁ ପ୍ରଭାବଶାଳୀ ଯୋଗ ଅଭ୍ୟାସ ବୁଝିବାରେ ଏବଂ ଶିଖିବାରେ ସାହାଯ୍ୟ କରିଥିଲା, ଯାହା ସୋସିଆଲ ମିଡିଆରୁ ଶୀଘ୍ର ସମାଧାନ (କ୍ରଙ୍କସମଳ ଲସଙ୍ଗରଣ୍ୱ) ଖୋଜିବା ଅପେକ୍ଷା ବହୁତ ଭଲ ଥିଲା । ଏହି ସେମିନାର୍‌ରେ ଏକ ବ୍ୟାପକ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା, ଯେଉଁଠାରେ ଅଂଶଗ୍ରହଣକାରୀମାନେ ଆ[ବାୟୋଟିକର ପାର୍ଶ୍ୱ ପ୍ରତିକ୍ରିୟା, ଆଣ୍ଠୁ ସମସ୍ୟା, ଥାଇରଏଡ୍ ସ୍ଥିତି, ସ୍ଲିପ୍ ଆପ୍ନିଆ (ଶୋଇବା ସମୟରେ ନିଶ୍ୱାସ ପ୍ରଶ୍ୱାସ ଜନିତ ସମସ୍ୟା) ଏବଂ କିଶୋରୀମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ଅନିୟମିତ ମାସିକ ଧର୍ମ ସହିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପରେ ପରାମର୍ଶ ଲୋଡ଼ିଥିଲେ । ବିଦେଶରୁ ଅଠାଅଶି ଜଣ ଏ ଆଭାସୀ ପାଠଚକ୍ରରେ ଯୋଗ ଦେଇ ଯୋଗାଭ୍ୟାସ କରିବା ସହ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ରାଇ ଫାଉଣ୍ଡେସନ ତରଫରୁ ଶ୍ରୀମତୀ ଆରତୀ ଅଗ୍ରୱାଲ ପ୍ରାରମ୍ଭିକ ସୁଚନା ପ୍ରଦାନ ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପରିଶେଷରେ ଶାନ୍ତିମନ୍ତ୍ର ପାଠ ଓ ଧନ୍ୟବାଦ ସହ ସଭା ସାଙ୍ଗ ହୋଇଥିଲା । ଏହି ଆଭାସୀ ପାଠଚକ୍ରର ଅତିଥି ବକ୍ତା ଓ ଯୋଗ ଦେଇଥିବା ଆବାଳ ବୃଦ୍ଧ ବନିତା ସଫଳ ସେମିନାର ଆୟୋଜନ ପାଇଁ ରାଇ ଫାଉଣ୍ଡେସନ ଟ୍ରଷ୍ଟର ଭୂୟସି ପ୍ରଶଂସା କରିଥିଲେ ।

ଆଜିକାଲି
ପୃଷ୍ଠା-୭
ସୋମବାର
୨୨ ଜୁନ ୨୦୨୬



## ପ୍ରଗତି ଟ୍ରଷ୍ଟ ପକ୍ଷରୁ ରଥଯାତ୍ରା ସମୟରେ ନିଃଶୁଳ୍କ ଅନ୍ନପ୍ରସାଦ ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର : ପ୍ରଗତି ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ଟ୍ରଷ୍ଟର ପଞ୍ଜୀକୃତ କାର୍ଯ୍ୟାଳୟରେ ଆଗାମି ରଥଯାତ୍ରା ସମୟରେ ନିଃଶୁଳ୍କ ଅନ୍ନପ୍ରସାଦ ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ଶ୍ରୀଗୁଣ୍ଡିଚା ଠାରୁ ତିନି ଦିନ ଧରି ପ୍ରତେକ ୧୦ ହଜାର ଦୂର ଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କୁ ନିଃଶୁଳ୍କ ଅନ୍ନ ପ୍ରସାଦ ସେବା ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସ୍ଥିରୀକୃତ ହୋଇଅଛି, ତତ୍ ସହିତ ଆଗାମୀ ଦେବସ୍ନାନ ପୂର୍ଣ୍ଣିମାରେ ଧଉଳି ଶାନ୍ତିସ୍ତୂପରେ ବୋଧଦ୍ରୁମ ପୂଜନ ଏବଂ ପ୍ରାସାଦ ସେବନ କାର୍ଯ୍ୟକ୍ରମ



ପାଇଁ ସ୍ଥିରୀକୃତ ହୋଇଅଛି ।ଉକ୍ତ ସଭାରେ ଟ୍ରଷ୍ଟର ସଭାପତି ଧନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ ଏବଂ ସାଧାରଣ ସମ୍ପାଦକ ମାଧବ ସାହୁ ପରିଚାଳନା କରିଥିଲେ ଓ ସଭାରେ ଉପସ୍ଥିତ ଥିବା ମ୍ୟାନେଜିଂ ଟ୍ରଷ୍ଟି ଗଦାଧର ବରାଳ, ଏଜିକ୍ୟୁଟିଭ୍ ଟ୍ରଷ୍ଟି ପ୍ରଶାନ୍ତ ବିଦ୍ୟାଧର, ଟ୍ରଷ୍ଟି ଶ୍ରୀକାନ୍ତ ପଣ୍ଡା, ଟ୍ରଷ୍ଟି ସତ୍ୟସୁନ୍ଦର ପଣ୍ଡା, କୋଷାଧକ୍ଷ ପ୍ରତାପ କୁମାର ମଲ୍ଲିକ, ସ୍ମିତାରାଣି ମହାନ୍ତି, ଜୟନ୍ତୀ ସାହୁ, ମନୋରଞ୍ଜନ କର, ହୃଷୀକେଶ ସାହୁ, ସଂଘର୍ଷ ଟିଭିର ମାଲିକ ସୁନୀତା ପଣ୍ଡା, ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ଦାସ, ଅନିଲ ମହାନ୍ତି, ବରିଷ୍ଠ ସଦସ୍ୟ ଅକ୍ଷୟ ସାହୁ, କଳିଙ୍ଗ ସମାଜର ମାଲିକ ଉମାକାନ୍ତ ମହାନ୍ତି, ବରିଷ୍ଠ ସଦସ୍ୟା ମଧୁମିତା ଦାଶ, ଶ୍ରଦ୍ଧାଞ୍ଜଳି ରାୟ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଝାରସୁଗୁଡ଼ା(ନି.ପ୍ର.), ଝାରସୁଗୁଡ଼ାଠାରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ଓଏସଏପି ପଡ଼ିଆଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଗ ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ 'ଯୋଗ ମହୋତ୍ସବ-୨୦୨୬' ଆୟୋଜିତ ହୋଇଥିଲା । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମାନ୍ୟବର ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ।ଏହି ସମାରୋହରେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜି ଆର ରାଘବେନ୍ଦ୍ର, ଅ ବିଭିନ୍ନ ଜିଲ୍ଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀ, ପୋଲିସ ବାହିନୀ, ଆଇଆରବି ବାଟାଲିୟନର ଯବାନ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର ପ୍ରତିନିଧି ଏବଂ ବିପୁଳ ସଂଖ୍ୟକ ଯୋଗପ୍ରେମୀ ଜନସାଧାରଣ ସାମିଲ ହୋଇଥିଲେ । ଏହି ସମାରୋହରେ ପ୍ରଶିକ୍ଷିତ ଯୋଗ ଗୁରୁ ସୁଦାମ ପ୍ରଧାନ ଏବଂ ସାହୁଙ୍କ ସମେତ ଜିଲ୍ଲା ଯୋଗ ମହୋତ୍ସବ ସମିତିର ସଦସ୍ୟ ସଦସ୍ୟାମାନେ ଯୋଗ ଶିବିର ପରିଚାଳନା କରିଥିଲେ । ସେମାନେ ମାନସିକ ଓ ଶାରୀରିକ ସୁସ୍ଥତା ରଖିବାରେ ଯୋଗର ଭୂମିକା ସମ୍ପର୍କରେ ସମ୍ୟକ ଧାରଣା ଦେବା ସହ ଉପସ୍ଥିତ ସମସ୍ତଙ୍କୁ ବିଭିନ୍ନ ପ୍ରକାର ଆସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ



କରାଇଥିଲେ । ସୁସ୍ଥ ଶରୀର ଏବଂ ଶାନ୍ତ ମନ ହିଁ ସମୃଦ୍ଧ ସମାଜର ମୂଳଦୁଆ ବୋଲି ଏହି ଅବସରରେ ବାର୍ତ୍ତା ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଏକ ସାମୁହିକ ସଂକଳ୍ପ ପାଠ କରାଯାଇଥିଲା । ଯେଉଁଥିରେ ପ୍ରତିଦିନ ନିୟମିତ ଭାବେ ଯୋଗ କରିବା, ଅନ୍ୟମାନଙ୍କୁ ଯୋଗ କରିବା ପାଇଁ ପ୍ରେରିତ କରିବା ଏବଂ ଏକ ସୁସ୍ଥ ତଥା ନିଶାମୁକ୍ତ ସମାଜ ଗଠନରେ ନିଜର ସହଯୋଗ ପ୍ରଦାନ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଅମୃତ ଆଚାର୍ଯ୍ୟ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏବଂ ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ମଧ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ କୃଷି ଏବଂ ଜୈବିକ କୃଷି କର୍ମଶାଳା



କଟକ (ନି. ପ୍ର.)-ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ପରିପ୍ରେକ୍ଷୀରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅଧୀନରେ ଆଜି କଟକ ଜିଲ୍ଲାସ୍ତରୀୟ ପ୍ରାକୃତିକ କୃଷି ଏବଂ ଜୈବିକ କୃଷି କର୍ମଶାଳା ଜଗତପୁରସ୍ଥିତ କୃଷକ ତାଲିମ ଏବଂ ଦକ୍ଷତା ବିକାଶ କେନ୍ଦ୍ରଠାରେ ଆୟୋଜିତ ହୋଇଯାଇଛି । କର୍ମଶାଳାରେ ଜୈବିକ ଓ ପ୍ରାକୃତିକ କୃଷିର ପ୍ରସାର ମାଧ୍ୟମରେ ଏକ ବିଷମୁକ୍ତ ଓ ସୁସ୍ଥ କୃଷି ବ୍ୟବସ୍ଥାର ଦୃଷ୍ଟାନ୍ତମୂଳକ ଜିଲ୍ଲାରେ ପରିଣତ କରିବାକୁ ବୈଜ୍ଞାନିକମାନେ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ବୈଷୟିକ ଅଧିବେଶନରେ କଟକର ମୃତିକା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦିଲ୍ଲୀପ କୁମାର ଷଡଙ୍ଗୀ ପ୍ରାକୃତିକ କୃଷି, ଜୈବିକ ଚାଷ, ମୃତିକା ସ୍ୱାସ୍ଥ୍ୟ, ଜଳ ସଂରକ୍ଷଣ ଏବଂ ରାସାୟନିକ ଇନପୁଟ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେହିପରି କଟକର ବରିଷ୍ଠ ବୈଜ୍ଞାନିକ ଡ. ରଞ୍ଜନ କୁମାର ମହାନ୍ତ ବ୍ୟବହାରିକ କୃଷି ସମାଧାନ, କୃଷି ଯାନ୍ତ୍ରିକୀକରଣ, ରାସାୟନିକ ସ୍ଥିତିବାନ କୃଷି ପ୍ରଣାଳୀ ଉପରେ ଅଧିବେଶନକୁ ସମ୍ବୋଧିତ କରିଥିଲେ । ଶେଷରେ କଟକର କୃଷି ଜିଲ୍ଲା ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ଜେନା କୃଷକମାନଙ୍କ ପାଇଁ ସରକାରୀ ପଦକ୍ଷେପ, ବଜାର ସଂଯୋଗ, ଋଚଡ ଦ୍ୱାରା ମୂଲ୍ୟ ବୃଦ୍ଧି ଏବଂ ଫସଲ ବିବିଧତା ଉପରେ ଆଲୋଚନା କରିଥିଲେ । ଜୈବିକ ସୁଗନ୍ଧିତ ଧାନ ଉତ୍ପାଦନ ସହିତ ଜଡିତ ଲୋକ ସମବାୟ ପ୍ରତିଷ୍ଠାନ, ନିଆଳି ଜୈବିକ ଚାଷ ଏବଂ କୀଟପତଙ୍ଗ ପରିଚାଳନା ଦିଗ ଉପରେ ମଧ ଆଲୋଚନା କରାଯାଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କମଳାକାନ୍ତ ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ସୁଶାନ୍ତ ନାୟକ, ନିର୍ବାହୀ ଯନ୍ତ୍ରୀ (କୃଷି) ଶ୍ରୀ ପ୍ରଶାନ୍ତ ଜେନା, ସହକାରୀ ମୃତିକା ସଂରକ୍ଷଣ ନିର୍ଦ୍ଦେଶକ ଶ୍ରୀମତୀ ମନୀଷା ରାଉତ, କୃଷି ଜିଲ୍ଲା ଅଧିକାରୀ, ଆଠଗଡ ଶ୍ରୀ ଶିବାଶିଷ ମିଶ୍ର ଏବଂ କଟକ ସଦରର ଇଞ୍ଚଗଇ ଅଧକ୍ଷ ରମାପ୍ରସାଦ ବିଶ୍ୱାଳ ପ୍ରମୁଖ କର୍ମଶାଳାରେ ସାମିଲ ଥିଲେ । ବୈଠକ ପ୍ରାରମ୍ଭରେ ସହାୟକ କୃଷି ନିର୍ଦ୍ଦେଶକ ଶ୍ରୀମତୀ ଅସୀମା ମିଶ୍ର ମଂଚରେ ଅତିଥିମାନଙ୍କୁ ସ୍ୱାଗତ କରିବ ସହ କର୍ମଶାଳା ପରିଚାଳନା କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକର ପ୍ରଗତିଶୀଳ ଚାଷୀ, ଏଫପିଓ, ସିବିଓ ଏବଂ ପ୍ରାକୃତିକ କୃଷି ଏବଂ ଜୈବିକ ଇନପୁଟ୍ ସହିତ ଜଡିତ ନିର୍ମାତା ଏବଂ ଡିଲରଙ୍କ ସମେତ ୧୫୦ ଜଣ ଅଂଶଗ୍ରହଣକାରୀ, ବିଭିନ୍ନ ବିଭାଗର ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ଉଜଜଓ ବୈଜ୍ଞାନିକଙ୍କ ସହିତ ବିଭାଗୀୟ ମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଉକ୍ତ କର୍ମଶାଳାରେ କେତେକ ଚାଷୀ ସେମାନଙ୍କର ଜୈବିକ ଉତ୍ପାଦ ପ୍ରଦର୍ଶନ କରିଥିଲେ ଓ ପ୍ରଗତିଶୀଳ ଚାଷୀ ମୃର୍ତିକା ସ୍ୱାସ୍ଥ୍ୟ କାର୍ଡ ଗ୍ରହଣ କରିଥିଲେ ।

## ନବନିର୍ମାଣ କୃଷକ ସଙ୍ଗଠନର କୃଷକ ଏକତା ସମ୍ମିଳନୀ ଅନୁଷ୍ଠିତ

ନୀଳଗିରି,(ନି.ପ୍ର.), ଗର୍ଜିଲେ ଚାଷୀ, ପ୍ରାଇସ, ପ୍ରେଷ୍ଟିଜ ପେନସନ ପାଇଁ ସଂଗ୍ରାମ ଚାଲୁ ରହିବ ବୋଲି ଦେଲେ ଚେତାବନୀ କ୍ଷ୧୬ ତାରିଖ ମଙ୍ଗଳ ବାର ଶେଷ ରଜ ପର୍ବରେ ଔପଦା ବ୍ଲକ, କଣ୍ଡଗରଦୀ ଗ୍ରାମ ପଂଚାୟତ ଅଧୀନ ମୁକୁନ୍ଦପୁର ରଥ ଦାଣ୍ଡ ରେ ଏକାଠି ହେଲେ ନବନିର୍ମାଣ କୃଷକ ସଂଗଠନ ର ଶତାଧିକ କର୍ମୀ କ୍ଷ ଏହି ବିଶେଷ କୃଷକ ସମ୍ମିଳନୀ ସଭାରେ ଅଂଚଳର ସାଧାରଣ ଚାଷୀ ଶରତ ଚନ୍ଦ୍ର ଦାଶ ସଭାପତିତ୍ୱ କରି ଚାଷୀ ଭାଇ ମାନଙ୍କର ମୌଳିକ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ଥିଲେ ।ସରକାରଙ୍କର ଏଥିପ୍ରତି ଉଦାସୀନତା ଯୋଗୁଁ କୃଷକ ଆତ୍ମହତ୍ୟା କରିବା ଭଳି ଘଟଣା ଦେଖିବାକୁ ମିଳୁଛି ବୋଲି ମତବ୍ୟକ୍ତ କରିଥିଲେ କ୍ଷ ସୋର ଅଂଚଳ ରୁ ଶ୍ରୀ ରଞ୍ଜିତ ଅଂଶ ଗ୍ରହଣ କରି ସରକାର ଙ୍କ ର ସଉତୁଣୀ ମା ଭଳି ପାତର ଅନ୍ତର ନୀତି ପାଇଁ ସମାଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ରୁ ରାଜ୍ୟ ନେତୃତ୍ୱ ଡକ୍ଟର କୁଳମଣି କଥା ପ୍ରସଙ୍ଗ ରେ କୃଷକ ମାନଙ୍କ ସହିତ ଆଧାତ୍ମ୍ୟ ଭାବର ଯୋଗାଯୋଗ ବିଷୟ ରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସଂଗଠକ ଶ୍ରୀ ଅକ୍ଷୟ ଭାଷଣ ପ୍ରସଙ୍ଗ ରେ ନିଷ୍ପେସିତ ଚାଷୀ ଭାଇ ମାନଙ୍କ ଦୁଃଖ ଦୁର୍ଦ୍ଦଶା ର ଚିତ୍ର ବର୍ଣ୍ଣନା କରିଥିଲେ । ସମସ୍ତେ ଏକ ଯୋଟ ହୋଇ ସଂଘବଦ୍ଧ ଭାବରେ




ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଥିଲେ । ସଭାରେ ବିଶିଷ୍ଟ ଚାଷୀ ମାନେ, ବୁଧିଆ, ପ୍ରଶାନ୍ତ , ଜଳଧର, ନିତ୍ୟାନନ୍ଦ ବାରିକ, ରାମଚନ୍ଦ୍ର ବାରିକ, ନରେନ୍ଦ୍ର ନାୟକ, କୃପାସିନ୍ଧୁ ବାରିକ, ରାଧାକୃଷ୍ଣ ବେହେରା, ଗଣେଶ ବେହେରା, ବୀରା ଧାଉଁରିଆ, ରାମଚନ୍ଦ୍ର ଧଉଁରିଆ , କେଳୁ ଚରଣ ମୁଦୁଲି, ଉମାକାନ୍ତ ବାରିକ,ଘନ ରାଉତ,ରବି ପାତ୍ର ଏଂ ନୀଳଗିରି ର ଆଖ ପାଖ ଅଂଚଳ ର ଶତାଧିକ ମହିଳା ପୁରୁଷ ମାନେ ଯୋଗ ଦେଇ ଥିଲେ ।

## ଭଦ୍ରକ ଇନ୍‌ଟାକ୍ ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ଭଦ୍ରକ(ନି.ପ୍ର.) : ଭଦ୍ରକ ଇନ୍‌ଟାକ୍ ଋପ୍ଟରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କନ୍‌ଭେନର ଶ୍ରୀ ଦିଗମ୍ବର ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ କୁଆଁସସ୍ଥିତ ନିତ୍ୟାନନ୍ଦଭବନ ଠାରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଡ଼. ଗୋଲକ ବିହାରୀ ସାହୁ, ଡ଼. ଭାଗବତ ପ୍ରସାଦ ତ୍ରିପାଠୀ, ଅଜିତ୍ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ର ମ□ାସୀନ ହୋଇଥିଲେ । ବୈଠକ ଆରମ୍ଭରେ ଦିବଂଗତ ସଭ୍ୟ ଅଚ୍ୟୁତାନନ୍ଦ ସାମଲ, ଡ଼. ମାନସ ରଂଜନ ଲେଙ୍କା, ଡ଼. ପ୍ରଭାତ ନଳିନୀ ମହାପାତ୍ର ଓ ଅନାଦି ଚରଣ ଦାସଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ଗୁଣାବଳୀ ଆଲୋଚିତ ହୋଇଥିଲା ଏବଂ ନୂଆ ସଭ୍ୟ ଶ୍ରୀ ଅକ୍ଷୟ କୁମାର ହୋତା, ରବୀନ୍ଦ୍ର କୁମାର ମହାରଣା ଓ ଦିଲ୍ଲୀପ କୁମାର ନାୟକଙ୍କୁ ସ୍ୱାଗତ କରାଯାଇଥିଲା । ଇନ୍‌ଟାକ୍ ଶାଖାର ଆଠ ଜଣ ଆଜୀବନ ସଭ୍ୟ-ହରମୋହନ କୁଅଁର, ଗୟାଧର ପଣ୍ଡା, ଆଦିତ୍ୟ କୁମାର ନାୟକ, ପ୍ରଦୀପ୍ତ କୁମାର ଦାସ, ସଂଗ୍ରାମ କେଶରୀ ସାହୁ, ସତ୍ୟବ୍ରତ ମହାନ୍ତି, ଜଗନ୍ନାଥ ନାୟକ ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଲୋଗୋ ଓ ପରିଚୟପତ୍ର ବ□ନ କରାଯାଇଥିଲା ।ଇନ୍‌ଟାକ୍ ସଂଗଠନର ପ୍ରକୃତ ଉଦ୍ଦେଶ୍ୟ ଆମ ଜାତୀୟ ସଂପ□ର ସୁରକ୍ଷା ତଥା ଐତିହାସିକ ସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର ସକାଶେ ଦୃଷ୍ଟିପାତ କରିବା ସହିତ ଏହାର ସଂରକ୍ଷଣ ପାଇଁ ତେର ଜଣ ବିଶିଷ୍ଟ ସବ୍‌କମିଟି ଗଢ଼ାଯାଇଥିଲା ଏବଂ ଏହାର ଆବାହକ ମନୋନୀତ ହୋଇଥିଲେ ଡ଼. ଭାଗବତ ତ୍ରିପାଠୀ । ଅନ୍ୟ ସଦସ୍ୟମାନେ ହେଲେ ଡ଼. ମନୀନ୍ଦ୍ର ମହାନ୍ତି, ଡ଼. ଗୋଲକ ବିହାରୀ ସାହୁ, ଡ଼. କ୍ଷୀରୋଦ କୁମାର ସାମଲ, ଲକ୍ଷ୍ମଣ କୁମାର ମହାନ୍ତି, ବାବୁଲାଲ୍ ଦାସ, ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ କୁମାର ନାୟକ, ହରମୋହନ କୁଅଁର, ଆଦିତ୍ୟ କୁମାର ଗୋସ୍ୱାମୀ, ବିଜୟ କୁମାର ମହାନ୍ତି, ଗୟାଧର ପଣ୍ଡା ଓ ମଦନ ମୋହନ ନାୟକ । ସବ୍‌କମିଟିର କାର୍ଯ୍ୟାନୁଷ୍ଠାନ ପାଇଁ ୫ ହଜାର ଟଙ୍କା ଇନ୍‌ଟାକ୍ ଫଣ୍ଡରୁ ଅଗ୍ରୀମ ପ୍ରଦାନ ପାଇଁ ପ୍ରସ୍ତାବ ଅନୁମୋଦନ କରାଗଲା । ଆଗାମୀ ବାର୍ଷିକ ଉତ୍ସବ ୨୦୨୬ ଡ଼ିସେମ୍ବରରେ କରାଯିବା ସହିତ ବିଶ୍ୱ ହେରିଟେଜ୍ ଦିବସ ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ପାଳନ କରାଯିବା ପାଇଁ ସ୍ଥିର




କରାଗଲା । ସଂପ୍ରତି ଭଦ୍ରକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଚାନ୍ଦବାଲି ଠାରେ ମେରିଟାଇମ୍ ମ୍ୟୁଜିୟମ୍, ଐତିହାସିକ ସ୍ଥଳ ଗୋହିରାଟିକିରୀର ପୁନରୁଦ୍ଧାର ଓ ଆଗରପଡ଼ା ଠାରେ ହରେକୃଷ୍ଣ ମହତାବଙ୍କ ସ୍ମାରକୀ ଗୃହର ନିର୍ମାଣକାର୍ଯ୍ୟ ଚାଲୁଥିବାରୁ ଭଦ୍ରକ ଇନ୍‌ଟାକ୍ ଶାଖା ସନ୍ତୋଷ ପ୍ରକାଶ କରିଥିଲା । ଆଜିର ଉପସ୍ଥିତ ସଭ୍ୟମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ଶ୍ରୀ ମଦନ ମୋହନ ନାୟକ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ପଣ୍ଡା । ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ ଅଜିତ କୁମାର ଦାସ, ଶାନ୍ତନୁ କୁମାର ରାଉତ, ସ୍ନେହଲତା ବେହେରା, ଯୁଧିଷ୍ଠିର ବାରିକ୍, ଚନ୍ଦ୍ରମୋହନ ମହାନ୍ତି, ଅଶୋକ କୁମାର ଦାସ, ଉଦୟନାଥ ମହାନ୍ତି, ସୁରେଶ କୁମାର ସାହୁ, ରତିକାନ୍ତ ମହାନ୍ତି, କଳ୍ପନା ବେହେରା, ବାଦଲ କିଶୋର ମହାପାତ୍ର, ଏସ୍.କାମିଲା ଓ ହୃଷିକେଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ।

## ତେଲି ପାଳ ପଂଚାୟତରେ ବିଭିନ୍ନ କାର୍ଯ୍ୟରେ ମହା ଦୁର୍ନୀତି ! ଜେଇ ନାମରେ ଥିବା କାର୍ଯ୍ୟ ବ୍ୟାପକ ଦୁର୍ନୀତି ନେଇ ଅଭିଯୋଗ

ନୀଳଗିରି, (ନି.ପ୍ର.): ଆଦିବାସୀଙ୍କ ପରମ୍ପରାକୁ ବଂଚାଇ ରଖିବା ପାଇଁ ସରକାର ଏକ ପ୍ରକଳ୍ପ ବାବଦ ୨ଲକ୍ଷ ୫୦ହଜାର ଟଙ୍କାଅର୍ଥ ମଞ୍ଜୁର କରିଥିବା ବେଳେ ଅନ୍ତାଡାହି ସାହିରେ ଉକ୍ତ କାମ ନକରି ଜଙ୍ଗଲ ଜମି ରେ ହୋଇଛି । ସେଥିରେ ପୁଣି ବ୍ୟାପକ ଟଂଚକତା କରାଯାଇଛି ବୋଲି ଅଭିଯୋଗ ଆସିଛି । ଏହି ଘଟଣାରେ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ ଉପୁଜିଛି ।ବିବରଣୀ ରୁ ଜଣାପଡିଛି ନବୀନ ଓଡ଼ିଶା ଯୋଜନାରେ ତେଲିପାଳ ପଂଚାୟତ ଅଧୀନ ଅନ୍ତାଡାହି ସାହିରେ ଆଦିବାସୀ ସାଂସ୍କୃତିକ ମଣ୍ଡପ ସହ ମହିଳା ପରିବର୍ତନ କକ୍ଷ ନିର୍ମାଣ ପାଇଁ ୨୦୨୪-୨୫ମସିହାରେ କ୍ରମିକ ନମ୍ବର ୨୭୯ ଅନୁ ମୋଦିତ ହୋଇଥିଲା ।ଉକ୍ତ ବିଭାଗୀୟ ଯନ୍ତ୍ରୀ ଇଂ. ମଧୁସ୍ମିତା ମହାନ୍ତିଙ୍କ ନାମରେ କାର୍ଯ୍ୟାଦେଶ ମଞ୍ଜୁର କରିଥିଲେ ବିଡିଓ ବିକ୍ରମ କେଶରୀ ପରିଡ଼ା ।ତେବେ ଉକ୍ତ ପ୍ରକଳ୍ପ କୁ



ନେଇ ଅଭିଯୋଗ ପରେ ତତ୍କାଳୀନ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଇଂ ଶରତ ଚନ୍ଦ୍ର ଉପାଧ୍ୟାୟ ବନ୍ଦ କରିଥିଲେ ।ଇଂ ଶ୍ରୀ ଯୁକ୍ତ ଉପାଧ୍ୟାୟ ଙ୍କ ଅବସର ପରେ ଯନ୍ତ୍ରୀ ମଧୁସ୍ମିତା ମହାନ୍ତି ନିଜ ଜିଦ ରେ ଦିଆଯାଇଥିବା ସ୍ଥାନରେ ନକରି ଜଙ୍ଗଲ ଜମି କରିବା ସହ ପ୍ରକଳ୍ପ ଥିବା କାର୍ଯ୍ୟ ନକରି ଜାହିରା ଘର କରିଛନ୍ତି । ତେବେ ଉକ୍ତଯନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ ଅନ୍ତାଡାହି ଗାଁ ରେ କାର୍ଯ୍ୟ ହୋଇଥିବା ଜଙ୍ଗଲ ଜମି ଖାତା ନମ୍ବର୨୭୨,ପ୍ଲଟ ନମ୍ବର୮୩୯ ଗ୍ରାମ୍ୟ ଜଙ୍ଗଲ ରେ ନିର୍ମାଣ କରି ଅତି ଚତୁରତା ସହିତ ଜାହିରା ଘର ନିର୍ମାଣ ହୋଇଥିବା ବେଳେ ସୂଚନା ଫଳକ ଲଗାଯାଇ ନାହିଁ । ଏଥିସହ ନିର୍ମାଣ କାମ ନିମ୍ନମାନର ହୋଇଥିବା ଓ ନିର୍ମାଣ ସମୟରେ ଯନ୍ତ୍ରୀଙ୍କ ଦେଖା ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜେଇ ମଧୁସ୍ମିତା ମହାନ୍ତିଙ୍କୁ ପଚାରିବାରୁ କୌଣସି ଉତର ଦେବାକୁ ମନା କରିଥିଲେ । ଅପରପକ୍ଷରେ ବିଡିଓ ବିକ୍ରମ କେଶରୀ ପରିଡ଼ାଙ୍କୁ ପଚାରିବାରୁ ଅଭିଯୋଗ ପାଇ ଘଟଣାର ବିଷୟ ରେ ବ୍ଲକ ର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗୌରହରି ସିଂତଦନ୍ତ ଦିଆଯାଇଛି ବୋଲି କହିଛନ୍ତି ।

## ପୁରୀ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ପୁରୀ (ନି.ପ୍ର.) ଯୋଗ ଆମ ସମସ୍ତଙ୍କ ପାଇଁ ଜରୁରୀ ।ଏହା ସୁସ୍ଥ, ନୀରୋଗ ଓ ମାନସିକ ସ୍ଥିରତା ପାଇଁ ମହୋଷଧି ସଦୃଶ୍ୟ ।ତେଣୁ ପ୍ରତ୍ୟେକ ପ୍ରତିଦିନ ନିଜ ଜୀବନ ଚର୍ଯ୍ୟାରେ ଯୋଗକୁ ଯୋଡିବାକୁ ଆହ୍ୱାନ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।ଆଜି ପ୍ରତ୍ୟୁଷରେ ଜିଲ୍ଲା ପ୍ରଶାସନ, କ୍ରୀଡା ବିଭାଗ ପକ୍ଷରୁ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ । ଯୋଗ ଆଜି କେବଳ ଆମ ଦେଶରେ ଲୋକ ପ୍ରିୟ ହୋଇ ନାହିଁ ବରଂ ସମଗ୍ର ବିଶ୍ୱ ଏହାକୁ ଗ୍ରହଣ କରିବା ସହ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରୁଛନ୍ତି ।ଚଳିତ ବର୍ଷ ର ବିଷୟ ରହିଛି ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ।ତେଣୁ ଯୋଗ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ ।ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀ ଙ୍କ ଆହ୍ୱାନ ରେ




ଆଜି ସମଗ୍ର ବିଶ୍ୱ ରେ ଯୋଗ ପାଳିତ ହେଉଛି ।ସୁସ୍ଥତା ପାଇଁ ଯୋଗ ର ଭୂମିକା ସର୍ବଦା ଗୁରୁତ୍ୱ ରହିଛି ।ସମଗ୍ର ବିଶ୍ୱ ରେ ଯୋଗ ର ପ୍ରସାର ଆମ ଦେଶର ଦକ୍ଷତା ଓ ପାରଦର୍ଶିତା ର ପ୍ରତୀକ ବୋଲି କହିଥିଲେ ।ଅନ୍ୟ ମାନଙ୍କ ମଧରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସ ପି ପ୍ରତୀକ ସିଂ,ଡିଏଫଓ ମଗର ଧନଜୀ ରାଓସୋ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମଧୁ ସୂଦନ ସିଂହାରୀ,ପୁରୀ ଯୋଗ ମହୋତ୍ସବ ସମିତିର ସଂଯୋଜକ ବୈଦ୍ୟନାଥ ମହାସୁଆର, ଆଲୋକ ସ୍ୱାଇଁ, ଜଗ୍ନେଶ୍ୱର ଖୁ□ିଆ ପ୍ରମୁଖ ଯୋଗ ଦେଇଥିଲେ ।ଯୋଗ କ୍ରିୟା ରେ ଆନ୍ତର୍ଜାତୀୟ ଯୋଗ ଦିବସ ର ପ୍ରୋଟୋକଲ ଅନୁସାରେ ବିବିଧ ଯୋଗ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଅନ୍ୟ ଅଧିକାରୀ କର୍ମଚାରୀ ପରିଚାଳନା କରିଥିଲେ ।ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାଧାରଣ ଲୋକ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ ଯୋଗ ଶିକ୍ଷା ଲାଭ ଓ ପ୍ରଦର୍ଶନ କରିଥିଲେ ।ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ, ପଂଚାୟତ ଓ ସହରାଂଚଳ ମାନଙ୍କରେ ଯୋଗ ଦିବସ ପାଳନ କରାଯାଇଥିଲା ।

## କୁମ୍ଭୀର- ମଣିଷ ଲଢେଇର ଅନ୍ତ କେବେ ?

ପଟ୍ଟାମୁଣ୍ଡାଇ, (ହି.ସ.)- ଅସୁରକ୍ଷିତ ବନ ବିଭାଗର ବାଥିଙ୍ଗ ଘାଟ । ଲୋକଙ୍କୁ ଆକ୍ରମଣ କରୁଛି ରକ୍ତମୁଖା କୁମ୍ଭୀର । ନଦୀ ନାଳ ଘେରା ରାଜନଗର ଓ ପଟ୍ଟାମୁଣ୍ଡାଇ ଲୋକଙ୍କୁ ଡରାଉଛି କୁମ୍ଭୀର କ୍ଷ ପ୍ରତ୍ୟକ ବର୍ଷ କୁମ୍ଭୀର ପାଟିରେ ଯାଉଛି ମୂଲ୍ୟବାନ ଜୀବନ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଓ ପଟ୍ଟାମୁଣ୍ଡାଇ ଅଂଚଳରେ ଗତ ୫ ବର୍ଷ ଭିତରେ ୧୩ ଜଣଙ୍କୁ ଆକ୍ରମଣ କରିଛି କୁମ୍ଭୀର ।

ତଥ୍ୟ ଅନୁଯାୟୀ, ୧୧ ଜଣଙ୍କ ଅକାଳରେ ଯାଇଛି ଜୀବନ । ବନ ବିଭାଗ ଗତ ୫ ବର୍ଷ ଭିତରେ ୬୫ଟି ବାଥିଙ୍ଗ ଘାଟ କରିଥିବା ବେଳେ ୩୮ଟିର ମରାମତି ଆବଶ୍ୟକ କରୁଛି । ଅସୁରକ୍ଷିତ ବନ ବିଭାଗର ବାଥିଙ୍ଗ ଘାଟରେ ଲୋକଙ୍କୁ ଆକ୍ରମଣ କରୁଛି ରକ୍ତମୁଖା କୁମ୍ଭୀର । ପଟ୍ଟାମୁଣ୍ଡାଇ ଧୋୟା ଅଂଚଳର ଘାଗରାଡ଼ିଆ, କୁଳସାହି, ଅଳପୁଆ ପେଣ୍ଡପାଳ ଆଦି ନଦୀକୂଳିଆ ଅଂଚଳର ଲୋକମାନେ ଖୋଲାନଦୀରେ ଗାଧୋଉଥିବା ହେତୁ ଅନେକ ସମୟରେ କୁମ୍ଭୀର ଆକ୍ରମଣରେ ଜୀବନ ଯାଇଛି କ୍ଷ ଜଳର ସୁବିଧା ନଥିବାରୁ ନଦୀକୁ ଗାଧୁଆପାଧୁଆ କରିବା ଓ ପାଣି ପାଇଁ ଯାଉଛନ୍ତି ଗାଁର ଲୋକେ କ୍ଷନଦୀକୂଳିଆ ଗାଁ ମାନଙ୍କରେ ଲୋକଙ୍କ ମୌଳିକ ସୁବିଧା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଛି ବାଥିଙ୍ଗ ଘାଟ, ହେଲେ ବର୍ଷ ବର୍ଷ ଧରି ଏହାର ମରାମତି ହେଉନଥିବାରୁ ଭାଙ୍ଗିରୁଜି ଯାଉଛି ସୁରକ୍ଷାର ବାଡ଼ । ଫଳରେ ବାଥିଙ୍ଗ ଘାଟ ଭିତରକୁ ସହଜରେ ପଶୁଛି କୁମ୍ଭୀର କ୍ଷ କିଛି ଦିନ ତଳେ ରାଜପୁର ପଂଚାୟତର ବାଲିଚନ୍ଦ୍ରପୁର ଗାଁର କ୍ଷମାନିଧି ଦାସ ଗାଧୋଉଥିବା ବେଳେ କୁମ୍ଭୀର ଆକ୍ରମଣରୁ ସଂଘର୍ଷ କରି ଫେରିପାଇଛନ୍ତି ଜୀବନ । କୁମ୍ଭୀର ପାଟିରୁ କ୍ଷମାନିଧିଙ୍କ ଜୀବନ ବଂଚିଯାଇଥିଲେ ସୁଦ୍ଧା, ଗୁରୁତର ଅବସ୍ଥାରେ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ପାନୀୟ ଜଳ ଅଭାବ ପାଇଁ ନଦୀ ପାଲଟିଛି ଜୀବନ ରେଖା, ନଦୀକୁ ଯିବାପାଇଁ ବାଧ ହେଉଛି ମଣିଷ । ସଠିକ୍ ଭାବେ ବାଥିଙ୍ଗ ଘାଟର ନିର୍ମାଣ ହୋଇନଥିବା ବେଳେ ଏହାର ମରାମତି ଅଭାବରୁ ନିର୍ମାଣ ହୋଇଥିବା ବାଥିଙ୍ଗ ଘାଟ ଏବେ ଲୋକଙ୍କ ବ୍ୟବହାରରେ ଆସୁନଥିବା ଅଭିଯୋଗ ହେଉଛି । ଏସବୁକୁ ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଦେବୀଗଡା ଘାଟକୁ ଗାଧୋଇବାକୁ ଯାଇ ନାବାଳକ ମୃତ

ଯାଜପୁର: ନଦୀରେ ଗାଧୋଇବା ହେଲା କାଳ ।ଯାଜପୁର ଦେଇ ପ୍ରବାହିତ ବୈତରଣୀ ନଦୀର ଦେବୀଗଡା ଘାଟକୁ ଗାଧୋଇବାକୁ ଯାଇ ନାବାଳକ ମୃତ । ମୃତ ନାବାଳକ ହେଲେ ଭଦ୍ରକ ଜିଲା ଷୋଳମପୁର ପଂଚାୟତ ବରାହ ନୂଆପଡା ଗ୍ରାମର ପ୍ରଶାନ୍ତ କୁମାର ନାୟକ ପୁଅ ପ୍ରଶନଜିତ ନାୟକ । ପ୍ରଶନଜିତ ଯାଜପୁର ପୌରପାଳିକା ଅନ୍ତର୍ଗତ ଜହ୍ନବଗିଚା ଅଂଚଳରେ ଭଡାସୂତ୍ରରେ ରହୁଥିବା ବେଳେ ଆଜି ଦ୍ୱିପ୍ରହରରେ ତାଙ୍କର ଅନ୍ୟଦୁଇ ଜଣ ସାଙ୍ଗଙ୍କ ସହ ଗାଧୋଇବାକୁ ନଦୀକୁ ଯାଇଥିବା ବେଳେ ତିନି ଜଣ ବୁଡି ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବୁଡି ଯାଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ଉଦ୍ଧାର ପାଇଁ ଚେଷ୍ଟା କରି ନିରାଶ ହୋଇଥିଲେ । ପରେ ସ୍ଥାନୀୟ ଲୋକେ ନିଖୋଜ ପ୍ରଶନଜିତ କୁ ବହୁ ଖୋଜାଖୋଜି କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଯାଜପୁର ଦମକଳ ବାହିନୀ ଓ ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଂଚି ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ପ୍ରଶନଜିତଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# କମ୍ ବୟସରୁ ଯୋଗ ଗ୍ରହଣ କରିବା ଦ୍ୱାରା ସବୁଠାରୁ ଅଧିକ ଲାଭ ମିଳିଥାଏ : ଉପରାଷ୍ଟ୍ରପତି



ନୂଆଦିଲ୍ଲୀ : ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ କହିଛନ୍ତି ଯେ ଯୋଗ ହେଉଛି ଭାରତର ଚିରନ୍ତନ ଏବଂ ପ୍ରାଚୀନ ପରମ୍ପରା, ଯାହା ଶରୀର, ମନ ଏବଂ ଆତ୍ମାର ପୂର୍ଣ୍ଣ ସମନ୍ୱୟ ପ୍ରତିଷ୍ଠା କରେ । ଯୋଗର ପ୍ରକୃତ ଶକ୍ତି ଏହାର ସାମଗ୍ରିକ ସ୍ୱଭାବରେ ରହିଛି, ଯାହା ଶାରୀରିକ ସ୍ୱାସ୍ଥ୍ୟ ସହିତ ଭାବନାତ୍ମକ ସନ୍ତୁଳନ, ମାନସିକ ସୁସ୍ଥତା ଏବଂ ସାମାଜିକ ସଂଯୋଗକୁ ପ୍ରୋତ୍ସାହିତ କରିଥାଏ । କମ୍ ବୟସରୁ ଯୋଗକୁ ଗ୍ରହଣ କରିବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯିବା ଉଚିତ କାରଣ ଏହା ଯେତେ ଶୀଘ୍ର ଆରମ୍ଭ ହେବ, ଜୀବନକାଳ ମଧ୍ୟରେ ଏହାର ସଂଚିତ ଲାଭ ସେତେ ଅଧିକ ହେବ । ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସକୁ ନେଇ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନଙ୍କ ଦ୍ୱାରା ଏକ ଇଂରାଜୀ ଖବରକାଗଜରେ ଲିଖିତ ଏକ ପ୍ରବନ୍ଧ ସେୟାର କରିଛନ୍ତି । 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ : ବର୍ଷକୁ ଜୀବନ ଯୋଗ କରିବା' ଶୀର୍ଷକ ନିବନ୍ଧକୁ ସେୟାର କରି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏହାକୁ ପଢ଼ିବାକୁ ଅନୁରୋଧ କରିଥିଲେ ଏବଂ ମାନବ କଲ୍ୟାଣ ଉପରେ ଯୋଗର ଗଭୀର ପ୍ରଭାବକୁ ପ୍ରଶଂସା କରିଥିଲେ ।

# ଯୋଗ ଏବଂ ଫିଟନେସ୍‌କୁ ଦୈନନ୍ଦିନ ଜୀବନର ଅଂଶବିଶେଷ କରିବା ଗୁରୁତ୍ୱପୂର୍ଣ୍ଣ : ମାଣ୍ଡଭିୟ

ନୂଆଦିଲ୍ଲୀ : କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ, ମାନସୁଖ ମାଣ୍ଡଭିୟ ଯୋଗକୁ ଦୈନନ୍ଦିନ ଜୀବନର ଅଂଶବିଶେଷ କରିବା ଲାଗି ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସେ କହିଥିଲେ ଯେ ଯଦି ଭାରତକୁ ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ପୂରଣ କରିବାକୁ ହେବ, ତେବେ ଯୋଗ ଏବଂ ଫିଟନେସ୍ ଦୈନନ୍ଦିନ ଜୀବନର ଅଂଶବିଶେଷ ହେବାକୁ ପଡ଼ିବ । କେନ୍ଦ୍ର ମନ୍ତ୍ରୀ ମାଣ୍ଡଭିୟ ରବିବାର ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଦ୍ୱାଦଶ ଆନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସେ ଅଭିନେତା ତଥା ଫିଟନେସ୍ ଆଇକନ୍ ଅକ୍ଷୟ କୁମାରଙ୍କ ସହ ଯୋଗ ଦେଇଥିଲେ । ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ 'ଫିଟ୍ ଇଣ୍ଡିଆ ମୁଭମେଂଟ' ଦ୍ୱାରା ଆୟୋଜିତ ସାମୂହିକ ଯୋଗ ଅଧିବେଶନ ପାଇଁ ପ୍ରାୟ ୩,୦୦୦ ଅଂଶଗ୍ରହଣକାରୀ ଷ୍ଟାଡିୟମରେ ଏକାଠି ହୋଇଥିଲେ ।





# ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କ ସହ ଯୋଗାଭ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ନୂଆଦିଲ୍ଲୀ : 'ଯୋଗ' ହେଉଛି ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ଶ୍ରେଷ୍ଠ ମାଧ୍ୟମ, ଯାହା ଆମକୁ ନିରନ୍ତର ଏକ ସୁସ୍ଥ ଜୀବନ ଦିଗରେ ଅଗ୍ରସର କରାଇଥାଏ । ଏହା କେବଳ ଏକ ଶାରୀରିକ ଅଭ୍ୟାସ ନୁହେଁ, ବରଂ ସନ୍ତୁଳିତ ଜୀବନଶୈଳୀ ଓ ସକାରାତ୍ମକ ଚିନ୍ତାଧାରାର ଏକ ସାଧନା । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର 'ଆନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରିବା ଅବସରରେ ଯୋଗକୁ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଆହ୍ୱାନ ଦେଇଛନ୍ତି । ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ ଠାରେ ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କ ସହ ଯୋଗାଭ୍ୟାସ କରିବା ଅବସରରେ ଓଡ଼ିଶା ସମେତ ସମସ୍ତ ଦେଶବାସୀଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସର ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅକ୍ଳାନ୍ତ ପ୍ରୟାସ ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ଭାରତର ସାଂସ୍କୃତିକ ଚିହ୍ନଟ ଏବଂ ସୁସ୍ଥ ଜୀବନଶୈଳୀର ପ୍ରତୀକ ଭାବେ ପ୍ରତିଷ୍ଠିତ ହୋଇପାରିଛି । ବିଶ୍ୱ ସମ୍ମୁଖୀନ ହେଉଥିବା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଭାରତୀୟ ସଭ୍ୟତାର ଏହି ମହାନ ବିଜ୍ଞାନ ମଧ୍ୟରେ ରହିଛି ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ସେ କହିଛନ୍ତି,' ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଯୋଗକୁ କେବଳ ଗୋଟିଏ ଦିନରେ ସୀମିତ ନରଖି, ବର୍ଷର ୩୬୫ ଦିନ ନିଜ ଜୀବନରେ ସାମିଲ କରିବାର ସଙ୍କଳ୍ପ ନେବା ଆବଶ୍ୟକ । ବିଶେଷ କରି ଭାରତର ଯୁବପିଢ଼ି ଓ ଛାତ୍ରଛାତ୍ରୀମାନେ ଯଦି ନିୟମିତ ଯୋଗ କରିବେ, ତେବେ ଆମେ ସୁସ୍ଥ ରହିବା ସହ ବିଶ୍ୱର ସେବା କରିବାକୁ ସମର୍ଥ ହେବା ।' ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ସେମାନଙ୍କର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଚଳିତ ବର୍ଷ କ୍ୟୁଏସ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ୬ଟି ସ୍ଥାନ ଉପରକୁ ଉଠି ୩୨୨ତମ ମାର୍କ ଅତିକ୍ରମ କରିଛି । ଏହା ସହ ସେ ଆଶା ପ୍ରକଟ କରିଛନ୍ତି ଯେ, ଆଗାମୀ ବର୍ଷଗୁଡ଼ିକରେ ଦେଶର ୫୪ଟି ପ୍ରମୁଖ ଶିକ୍ଷାନୁଷ୍ଠାନ ସମେତ ଅନେକ ଭାରତୀୟ ଅନୁଷ୍ଠାନ କ୍ୟୁଏସ୍ ର୍‍ୟାଙ୍କିଙ୍ଗରେ ଉଚ୍ଚ ସ୍ଥାନ ହାସଲ କରିବେ । ସେ ଦେଶର ଶିକ୍ଷା ଜଗତ, ଗବେଷକ ଓ ଛାତ୍ର ସମୁଦାୟକୁ ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଶୁଭକାମନା ଜଣାଇଛନ୍ତି । ପରିଶେଷରେ, ଏକ ସୁସ୍ଥ, ଶାନ୍ତ ଏବଂ ସଶକ୍ତ ସମାଜ ଗଠନ ଦିଗରେ ସମସ୍ତେ ମିଳିତ ଭାବେ ସଙ୍କଳ୍ପବଦ୍ଧ ହେବାକୁ ସର୍ବସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

# ଧୈର୍ଯ୍ୟ, ଶାନ୍ତି ଓ ସନ୍ତୁଳିତ ଜୀବନର ମୂଳମନ୍ତ୍ର ହେଉଛି ଯୋଗ : ଲୋକସଭା ବାଚସ୍ପତି



ନୂଆଦିଲ୍ଲୀ : ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସଂସଦ ଭବନ ପରିସରରେ ସାଂସଦମାନଙ୍କ ସହିତ ଏକ ଯୋଗ ଅଧିବେଶନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ସେ କହିଥିଲେ ଯେ, ଏହି ଦିବସଟି ହେଉଛି ଭାରତର କାଳଜୟୀ ସଭ୍ୟତାଗତ ଐତିହ୍ୟର ଉତ୍ସବ । ଏହା ମାନବଜାତିକୁ ସ୍ୱାସ୍ଥ୍ୟ, ସନ୍ତୁଳନ ଏବଂ ଆନ୍ତରିକ ଶାନ୍ତିର ପଥ ପ୍ରଦର୍ଶନ କରିଛି । ସେ କହିଥିଲେ, 'ଯୋଗ କେବଳ ଶରୀରକୁ ସନ୍ତୁଳିତ କରେ ନାହିଁ ବରଂ ମନ ଏବଂ ଚିନ୍ତାଧାରାକୁ ମଧ୍ୟ ସନ୍ତୁଳିତ କରେ । ସଂସଦରେ ମତଭେଦ ସ୍ୱାଭାବିକ, କିନ୍ତୁ ଯୋଗ ଆମକୁ ଆଲୋଚନା ଏବଂ ଆତ୍ମସଂଯମର ପଥ ଦେଖାଏ ।' ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ବିର୍ଲା କହିଥିଲେ ଯେ, ଭାରତର ଋଷି ଏବଂ ବିଦ୍ୱାନମାନେ ଶତାବ୍ଦୀ ଧରି ଯୋଗର ପରମ୍ପରାକୁ ସଂରକ୍ଷଣ କରିବା ସହ ଏହାକୁ ଏକ ଜୀବନଶୈଳୀ ଭାବେ ପ୍ରତିଷ୍ଠିତ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏବଂ ମାନବ ଚେତନାର ଜାଗରଣକୁ ପ୍ରୋତ୍ସାହିତ କରିବା । ସେ କହିଥିଲେ ଯେ, ଯୋଗ ବର୍ତ୍ତମାନ ସମଗ୍ର ବିଶ୍ୱରେ ଗ୍ରହଣୀୟ ହେବା ସହିତ ଏକ ବୈଶ୍ୱିକ ଜନଆନ୍ଦୋଳନରେ ପରିଣତ ହୋଇଛି, କିନ୍ତୁ ଏହା ଭାରତର ହଜାର ହଜାର ବର୍ଷର ଜ୍ଞାନ ପରମ୍ପରାର ଏକ ଅମୂଲ୍ୟ ଉପହାର । ସମସାମୟିକ ଜୀବନରେ ଯୋଗର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରି ଲୋକସଭା ବାଚସ୍ପତି କହିଥିଲେ ଯେ, ଆଧୁନିକ ଜୀବନ ଚାପ, ଅସନ୍ତୁଳନ ଏବଂ ଅନିଶ୍ଚିତତାରେ ପରିପୂର୍ଣ୍ଣ । ଏପରି ପରିସ୍ଥିତିରେ, ଯୋଗ ମାନସିକ ଶାନ୍ତି, ଧୈର୍ଯ୍ୟ, ଭାବନାତ୍ମକ ସନ୍ତୁଳନ ଏବଂ ଏକ ଶୃଙ୍ଖଳିତ ଜୀବନଶୈଳୀ ବଜାୟ ରଖିବାର ଏକ ପ୍ରଭାବଶାଳୀ ମାଧ୍ୟମ ଭାବରେ କାର୍ଯ୍ୟ କରେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଆହ୍ୱାନ ମଧ୍ୟରୁ ଗୋଟିଏ ହେଉଛି ମାନସିକ ଚାପ, ଏବଂ ଯୋଗ ଏହାର ଏକ ସହଜ, ବୈଜ୍ଞାନିକ ଓ ସର୍ବସମାବେଶୀ ସମାଧାନ ପ୍ରଦାନ କରେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଆଜିର ଡିଜିଟାଲ ପିଢ଼ି ସ୍କ୍ରିନ୍ ସମୟ ଓ ଚାପ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଯୋଗକୁ ନିଜ ଜୀବନଶୈଳୀର ଏକ ଅଂଶ ଭାବରେ ଗ୍ରହଣ କରିବା ଉଚିତ । ଶ୍ରୀ ବିର୍ଲା କହିଥିଲେ ଯେ, ଯୋଗ କେବଳ ଏକ ଫିଟନେସ୍ କାର୍ଯ୍ୟକ୍ରମ ନୁହେଁ; ବରଂ ବ୍ୟକ୍ତିତ୍ୱ, ଚରିତ୍ର ଏବଂ ଚେତନା ବିକାଶର ଏକ ମାଧ୍ୟମ । ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଦ୍ୱାରା ବ୍ୟକ୍ତିମାନେ ଅଧିକ ସନ୍ତୁଳିତ ହୋଇଯାଆନ୍ତି, ସେମାନଙ୍କର ନିଷ୍ପତି ନେବାର କ୍ଷମତା ବୃଦ୍ଧି ପାଏ ଏବଂ ସାମଗ୍ରିକ ସୁସ୍ଥତା ସୁଦୃଢ଼ ହୁଏ । ସେ କହିଥିଲେ, "ଏକ ସୁଦୃଢ଼ ଗଣତନ୍ତ୍ରର ସବୁଠାରୁ ବଡ଼ ସମ୍ପଦ ହେଉଛନ୍ତି ସୁସ୍ଥ ନାଗରିକ ।" ଯଦି ଭାରତର ୧୪୦ କୋଟି ନାଗରିକ ପ୍ରତିଦିନ ମାତ୍ର କିଛି ମିନିଟ୍ ଯୋଗ ପାଇଁ ଉତ୍ସର୍ଗ କରନ୍ତି, ତେବେ ଏହା ଦେଶର ସବୁଠାରୁ ବଡ଼ ଜନସ୍ୱାସ୍ଥ୍ୟ ବିପ୍ଳବରେ ପରିଣତ ହୋଇପାରିବ ।

# ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି



କୋଲକାତା : ଦକ୍ଷିଣ ପୂର୍ବ ରେଳବାଇ ୨୧.୦୬.୨୦୨୬ ରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ -୨୦୨୬ ପାଳନ କରିଛି । ଏହି ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ହେଉଛି 'ସୁସ୍ଥ ବୟସ ବୃଦ୍ଧି ପାଇଁ ଯୋଗ' । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ଜୈନ ମୁଖ୍ୟ ଅତିଥି ଥିଲେ ଏବଂ ଝରଜ ମୁଖ୍ୟାଳୟ, ଗାର୍ଡେନ୍ ରିଚ୍‌ରେ BNR ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଦୀପ ପ୍ରଜ୍ୱଳନ କରି ଯୋଗ ଅଧିବେଶନର ଉଦଘାଟନ କରିଥିଲେ । ସମସ୍ତ ବିଭାଗର ପ୍ରମୁଖ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ । ଝରଜ ମୁଖ୍ୟାଳୟରେ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା ଯେଉଁଠାରେ 'ଦି ଆର୍ଟ ଅଫ୍ ଲିଭିଙ୍ଗ୍, କୋଲକାତା ସେଂଟର'ର ବିଶେଷଜ୍ଞ ଯୋଗ ପ୍ରଶିକ୍ଷକମାନେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଧାରଣ ଯୋଗ ପ୍ରୋଟୋକଲ୍ ର ନେତୃତ୍ୱ ନେଇଥିଲେ । ଯୋଗ ସଚେତନ ନିଶ୍ୱାସ ଏବଂ ଧ୍ୟାନ ମାଧ୍ୟମରେ ଚାପ ଏବଂ ଚିନ୍ତାକୁ ହ୍ରାସ କରେ । ନମନୀୟତା ଏବଂ ଶକ୍ତିକୁ ଉନ୍ନତ କରେ, ଶରୀରକୁ ଫିଟ୍ ଏବଂ ଚପଳ ରଖେ । ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ ଆୟୋଜନ କରାଯାଇଥିଲା । ଝରଜର ଚାରୋଟି ବିଭାଗ ଯଥା ଖଡ଼ଗପୁର, ଆଦ୍ରା, ଚକ୍ରଧରପୁର ଏବଂ ରାଂଚିରେ ମଧ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା ।

# ଆଦିତ୍ୟ ଯୋଗ ସେଂଟର୍ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତୀୟ ଯୋଗ ଦିବସ

ବାଲେଶ୍ୱର : ବାଲେଶ୍ୱର ଗୋପାଳ ଗାଁ ସ୍ଥିତ ଆଦିତ୍ୟ ଯୋଗ କେନ୍ଦ୍ର ଆନୁକୂଲ୍ୟରେରେ ହୋଟେଲ ଟପ୍ ଏଣ୍ଡ ଟେଷ୍ଟି ହଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା । ଯୋଗ ସେଂଟରରେ ସମସ୍ତ ସଦସ୍ୟ ସଦସ୍ୟା ଯୋଗ କରିଥିଲେ । ପରେ ଆୟୋଜିତ ସଭାରେ ଯୋଗ ସେଂଟରର ମୁଖ୍ୟ ପରିଚାଳକ ତଥା ଯୋଗ ଗୁରୁ ଗୌରାଙ୍ଗ ବିନ୍ଧାଣି ପୌରହିତ୍ୟ କରିବା ସହ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରେମୁଣା ଇସ୍କନର ଉପସଭାପତି ପ୍ରବୀଣ କୃଷ୍ଣ ଦାସ ଯୋଗଦେଇ ଯୋଗର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦ । ତେଣୁ ଶରୀରକୁ ସୁସ୍ଥ ରଖିବାକୁ ହେଲେ କେବଳ ପ୍ରାଣାୟମ ଓ ଯୋଗ ଦ୍ୱାରା ସମ୍ଭବ ବୋଲି ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା କହିଥିଲେ । ନୂତନବାର୍ତ୍ତାର ସମ୍ପାଦକ ତଥା ଯୁବ ସମାଜସେବୀ ଇଂ ବିଭୂପଦ ଦାସ , ବିସିଆଇସି ସଭାପତି ସଞ୍ଜୟ ଦାସ, ଓରି ପ୍ଲାଷ୍ଟର ପରିଚାଳନା ନିର୍ଦ୍ଦେଶକ ପିକେ ଡାଭେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୋଗର ପ୍ରଚାର ପ୍ରସାର କିଭଳି ହୋଇପାରିବ ସେଥି ପ୍ରତି ସମସ୍ତେ ଉଦ୍ୟମ କରିବାକୁ ସେ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୋଗୁଁ ଆଜି ସାରା ବିଶ୍ୱରେ ଯୋଗ ଦିବସ ପାଳିତ ହେଉଛି । ପାଶ୍ଚାତ୍ୟ ଦେଶ ମାନେ ଯୋଗର ଉପକାରିତା ଜାଣିବା ପରେ ଯୋଗ, ପ୍ରାଣାୟମକୁ ପ୍ରାଧାନ୍ୟ ଦେଉଛନ୍ତି । ଯୋଗ ଦ୍ୱାରା ବହୁ ଜଟିଳ ରୋଗର ଚିକିତ୍ସା ମଧ ହୋଇପାରୁଛି । ତେଣୁ ସମସ୍ତେ ପ୍ରତିଦିନ ଯୋଗ କଲେ ଶରୀର ସୁସ୍ଥ ରହିବା ସହ ସମାଜ ସୁସ୍ଥ ରହି ପାରିବ ବୋଲି ଅତିଥି ମାନେ କହିଥିଲେ । ଆଧୁନିକ ସମାଜ ରେ ଯୁବ ଗୋଷ୍ଠୀ ଜିମ ରେ ସ୍ୱାସ୍ଥ୍ୟର ବିକାଶ ପାଇଁ ନିୟମିତ ଯାଉଥିବା ବେଳେ ମାନସିକ ସ୍ୱାସ୍ଥ୍ୟ ର ବିକାଶ ଲାଗି ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଆଦିତ୍ୟ ଯୋଗ ସେଂଟର ର ପ୍ରତିଷ୍ଠାତା ଗୌରାଙ୍ଗ ବିନ୍ଧାଣି ଙ୍କ ପ୍ରଚେଷ୍ଟା କୁ ଇଂ ବିଭୂପଦ ଦାସ ଭୂୟସୀ ପ୍ରଶଂସା କରିବା ସହ ଅନେକ ଅସୁସ୍ଥ ଲୋକ କିଭଳି ଯୋଗ ମାଧ୍ୟମ ରେ ସୁସ୍ଥ ହୋଇପାରିଛନ୍ତି ସେ ଅନୁଭୂତି ସମ୍ପର୍କରେ କହିଥିଲେ । ଏହି ଅବସରରେ ପୂର୍ବରୁ ଯୋଗ ସେ[ରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୌମେନ୍ଦ୍ର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । ପରେ ଅନୁଷ୍ଠାନରେ ସଦସ୍ୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




# ହକି ନେସନ୍ସ କପ୍ ଜିଣିଲେ ଭାରତୀୟ ମହିଳା ଦଳ




ନୂଆଦିଲ୍ଲୀ:ଭାରତୀୟ ମହିଳା ହକି ଦଳ ଏଫଆଇଏଚ୍ ହକି ମହିଳା ନେସନ୍ସ କପ୍ ୨୦୨୫-୨୬(FIH Hockey Women's Nations Cup New Zealand 2025-26)ର ଚାମ୍ପିଅନ୍ ହୋଇଛି । ରବିବାର ଖେଳାଯାଇଥିବା ଫାଇନାଲରେ ଭାରତ ଆୟୋଜକ ନ୍ୟୁଜିଲ୍ୟାଣ୍ଡ ଦଳକୁ ୨-୦ ଗୋଲରେ ପରାସ୍ତ କରିଛି । ନବନୀତ କୌର (୪') ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ, ଏହା ପରେ ସୁନେଲିତା ଟପ୍ପୋ (୧୫') ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ । ଖେଳ ଶେଷ ଯାଏଁ ଭାରତୀୟ ଦଳ ଅଗ୍ରଣୀ ବଜାୟ ରଖିଥିଲେ । ଏହି ବିଜୟ ସହିତ ଭାରତୀୟ ମହିଳା ଦଳ ପରବର୍ତ୍ତୀ ସିଜନ ପାଇଁ FIH ହକି ମହିଳା ପ୍ରୋ ଲିଗ(FIH Hockey Women's Pro League)ରେ ସ୍ଥାନ ପକ୍କା କରିଛି । ଟିମ୍ ଇଣ୍ଡିଆର FIH ହକି ମହିଳା ନେସନ୍ସ କପ୍ ୨୦୨୫-୨୬ ଟାଇଟଲ୍ ବିଜୟ ପରେ, ହକି ଇଣ୍ଡିଆ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୩ ଲକ୍ଷ ଏବଂ ସହାୟକ କର୍ମଚାରୀଙ୍କ ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଛି । ଭାରତ ସମଗ୍ର ଟୁର୍ଣ୍ଣାମେଂଟରେ ଅପରାଜିତ ରହିଥିଲା । ପୁଲ୍ ଏ ମ୍ୟାଚ୍‌ଗୁଡ଼ିକରେ ଭାରତ ଆମେରିକା (୩-୨), ଜାପାନ (୨-୧) ଏବଂ ଉରୁଗୁଏ (୩-୨)କୁ ପରାସ୍ତ କରିଥିଲା, ଏବଂ ତା'ପରେ ସେମିଫାଇନାଲରେ ଚିଲି ବିପକ୍ଷରେ ୬-୦ ଗୋଲରେ ଏକ ଦମଦାର ବିଜୟ ହାସଲ କରିଥିଲା । ଫାଇନାଲରେ ମଧ ଭାରତୀୟ ଦଳ ଏକ ଉତ୍କୃଷ୍ଟ ପ୍ରଦର୍ଶନ କରି ନ୍ୟୁଜିଲ୍ୟାଣ୍ଡକୁ ୨-୦ ଗୋଲରେ ପରାସ୍ତ କରି ଟାଇଟଲ ହାସଲ କରିଛି । ଏହି ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଦୋହା ଡାଇମଣ୍ଡ ଲିଗରେ ୪ର୍ଥ ସ୍ଥାନ ହାସଲ କଲେ ନୀରଜ

ନୂଆଦିଲ୍ଲୀ : ଭାରତର ଷ୍ଟାର ଜାଭେଲତନ ଥ୍ରୋୟର ନୀରଜ ଚୋପ୍ରା ଦୋହା ଡାଇମଣ୍ଡ ଲିଗରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି । ଆଘାତ ସମସ୍ୟାରୁ ମୁକୁଳିବା ପରେ ଏହା ତାଙ୍କର ବଡ ମୁକାବିଲା ଥିଲା । ନୀରଜ ୮୫.୬୯ ମିଟର ଦୂରତାକୁ ଜାଭେଲିନ ଥ୍ରୋ କରିଥିଲେ । ସେ ୮୨.୬୧ ମିଟର କ୍ୱାଲିଫାଇଂ ମାର୍କ ଅତିକ୍ରମ କରି ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ



ଯୋଗ୍ୟତା ହାସଲ କରିଛନ୍ତି । ଶ୍ରୀଲଙ୍କାର ରମେଶ ଥରଙ୍ଗା ପାଥିରାଗେ ୮୮.୬୮ ମିଟର ଦୂରତା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଗ୍ରେନେଡାର ଆଣ୍ଡରସନ ପିଟର୍ସ(୮୬.୩୮ ମିଟର) ଓ ଆମେରିକାର କାର୍ଟିସ ଥମ୍ପସନ(୮୫.୯୯ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ବିଶେଷଜ୍ଞଙ୍କ ମତରେ ନୀରଜଙ୍କ ପାଇଁ ଏହା ମ୍ୟାଚ ପ୍ରାକ୍ଟିଶ ସଦୃଶ ଥିଲା । ୨୩ ଜୁଲାଇରୁ ୨ ଅଗଷ୍ଟ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ବ୍ୟକ୍ତ କରାଯାଇଛି । ନୀରଜଙ୍କ ପ୍ରଥମ ଉଦ୍ୟମ ଫାଉଲ ରହିଥିଲା । ଦ୍ୱିତୀୟରେ ୮୨.୭୭ ଓ ତୃତୀୟରେ ୮୫.୬୯ ମିଟର ଥ୍ରୋ କରିଥିଲେ ।

# ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଫାଇନାଲରେ ଶ୍ରୀଲଙ୍କାକୁ ପରାସ୍ତ କଲା ଭାରତ



ଦାମ୍ବୁଲା : ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଫାଇନାଲ ମୁକାବିଲାରେ 'ଶ୍ରୀଲଙ୍କା-ଏ'କୁ ଭାରତ ୬୬ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି । ଶ୍ରୀଲଙ୍କାର ରଣଗିରିସ୍ଥିତ ଦାମ୍ବୁଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ୩୭୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ଦଳ ୪୭.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୩୧୧ ରନ୍ ସଂଗ୍ରହ କରିପାରିଛି । ଶ୍ରୀଲଙ୍କାର ଇନିଂସ ଆରମ୍ଭ କରିଥିଲେ ନିର୍ଲୋସାନ ଡିକୱେଲା ଏବଂ ଅଭିଶକା ଫର୍ନାଡୋ । ଉଭୟ ପ୍ରଥମ ୱିକେଟ ପାଇଁ ୨୮ ରନ୍ ସଂଗ୍ରହ କରିଥିଲେ । ଏଥିରୁ ଅଭିଶକାଙ୍କ ବ୍ୟକ୍ତିଗତ ସ୍କୋର ଥିଲା ୩ରନ୍ । ଭାରତର ଦ୍ୱିତୀୟ ଶିକାର ହୋଇଥିଲେ ନିର୍ଲୋସା । ସେ ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ କରିଥିଲେ । ଦଳ ୭୫ ରନ୍‌ରେ ନୁୱାଇନ୍ଦୁ ଫର୍ନାଡୋ (୨୧ ରନ୍)ଙ୍କୁ ହରାଇଥିଲା । ଭାରତର ୪ର୍ଥ ଶିକାର ହୋଇଥିଲେ ସଦିରା ସମରୱିକ୍ରମା, ଯିଏକି ଆଉଟ୍ ହେବା ପୂର୍ବରୁ ୪୪ଟି ବଲ୍ ଖେଳି ୯ଟି ଚୌକା ସହାୟତାରେ ୫୨ ରନ୍ କରିଥିଲେ । ଶ୍ରୀଲଙ୍କା ପଂଚମ ୱିକେଟ୍ ଭାବେ ରବିନ୍ଦୁ ଫର୍ନାଡୋ (୧୯ ରନ୍)ଙ୍କୁ ହରାଇଥିଲା । ସେତିକି ବେଳେ ଦଳର ସ୍କୋର ୧୪୯ ରନ୍‌ରେ ପହଂଚି ସାରିଥିଲା । ସାହାନ ଆର୍ଚ୍ଚିଗେ ୪୦ଟି ବଲ୍‌ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୮ ରନ୍ କରିଥିଲେ । ବିଜୟକାନ୍ତ ବ୍ୟାସକାନ୍ତ ୩୯ ରନ୍ କରିଥିଲେ । ସେ ୩୪ଟି ବଲ୍ ଖେଳି ୫ଟି ଚୌକା ମାରିଥିଲେ ।, ୱାନକୁ ସାହାନ ୬୨ ରନ୍ କରିଥିଲେ । ସେ ୬୯ଟି ବଲ୍ ଖେଳି ୫ଟି ଚୌକା ମାରିଥିଲେ ।, ଦୁଲାଜ ସମୁଦିତା ୧୧ଟି ବଲ୍‌ରୁ ୨ଟି ଚୌକା ସହାୟତାରେ ୧୫ ରନ୍ କରିଥିଲେ । ମହମ୍ମଦ ସିରାଜ ୨୧ ରନ୍ କରିଥିଲେ । ଭାରତ ପକ୍ଷରୁ ଯଶ ଠାକୁର ଏବଂ ବିପ୍ର ନିଗମ ୩-୩ ୱିକେଟ ଅକ୍ତିଆର କରିଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**